## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକ ଅର୍ଦ୍ଧଦଗ୍ଧ

**ଦିଗପହଣ୍ଡି,୨୨।୯(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ହନୁମାନ ମନ୍ଦିର ନିକଟରେ ଉଚ୍ଚ କ୍ଷମତା ସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରବିବାର ଜଣେ ଶ୍ରମିକ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ସେ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଜୟନଗର ଗ୍ରାମର ବୁଲୁ ନାହାକ। ନିର୍ମାଣାଧୀନ ଘର ଛାତ ପକାଇବା ପାଇଁ ମଧ୍ୟାହ୍ନ ପ୍ରାୟ ୧୨ ଟାରେ ସେଣ୍ଟ୍ରିଂ କାମ ଚାଲିଥିବା ବେଳେ ଅସାବଧାନତା କାରଣରୁ ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସହ ବୁଲୁ ଧରିଥିବା ଲୁହାଛଡ଼ ବାଜିଯାଇଥିଲା। ଫଳରେ ସେ ତଳେ ପଡ଼ିଯାଇଥିଲେ। ନିଆଁ ଝୁଲ ପଡି ତାଙ୍କ ମୁହଁ ଓ ଛାତି ଆଦି ଶରୀରର ପ୍ରାୟ ୪୦ ପ୍ରତିଶତ ଜଳିଯାଇଛି। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଜୁଆଆଡ୍ଡାରେ ଚଢ଼ାଉ, ୧୩ ଗିରଫ

**ଗୋପାଳପୁର,୨୨।୯:** ଗୋଳନ୍ଥରା ଥାନା ବି.ନୂଆଗାଁରେ କିଛିଦିନ ହେଲା ଜୁଆଆଡ୍ଡା ଚାଲୁଥିଲା। ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ଶନିବାର ରାତି ପ୍ରାୟ ୮ଟାରେ ସେଠାରେ ଚଢ଼ାଉ କରି ୧୩ ଜୁଆଡ଼ିଙ୍କୁ ଗିରଫ କରାଯାଇଥିଲା। ରବିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୨୭,୩୦୦ ଟଙ୍କା, ତାସ , ୨ ବାଇକ୍ ଜବତ ହୋଇଛି। ଏ ନେଇ ନଂ. ୨୨୯/୧୯ରେ ପୋଲିସ ମାମଲା ରୁଜୁ କରିଛି।

### ତୁମ୍ବାରେ ଲିମେଶ୍ୱରୀଙ୍କ ଯାତ୍ରା ଆରମ୍ଭ

**ପାତ୍ରପୁର, ୨୨।୯(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ତୁମ୍ବା ଓ ଆଦିବାସୀଙ୍କ ଆରାଧ୍ୟ ଦେବୀ ମା’ ଲିମେଶ୍ୱରୀଙ୍କ ଷୋଡ଼ଶ ପୂଜା ବା ଲିମେଶ୍ୱରୀ ଯାତ୍ରା ଶନିବାର ମଧରାତିରୁ ଆରମ୍ଭ ହୋଇଛି। ରାତିରେ ଗ୍ରାମର ଆବାଳ ବୃଦ୍ଧ ବନିତା ବାଦ୍ୟ ବାଜଣା ସହ ବଡ଼ଘର ଯାଇ ମା’ଙ୍କୁ ଆବାହନ କରିଥିଲେ। ରବିବାର ଭୋରରୁ ବିଭିନ୍ନ ବାଦ୍ୟ ପଟୁଆର ସହ ମା’ଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଯାତ୍ରା ଷୋହଳ ଦିନ ଯାଏ ହେବାକୁ ଥିବା ବେଳେ ଆସନ୍ତା ୬ ତାରିଖରେ ଏହା ଉଦ୍‌ଯାପିତ ହେବ । ଅନ୍ତିମ ଦିବସରେ ମା’ ଲିମେଶ୍ୱରୀ ନିଆଁରେ ଚାଲିବା, କଣ୍ଟା ଦୋଳିରେ ବସିବା ମୁଖ୍ୟ ଆକର୍ଷଣ ହେବ। ପ୍ରଥମ ଦନରେ ପ୍ରହ୍ଲାଦ ନାଟକ, ଦ୍ୱିତୀୟ ଦିନରେ ଭରତ ନୀଳା ଓ ଅନ୍ତିମ ଦିନରେ ଅପେରା, ନବରଙ୍ଗୀ, ରାମାୟଣ ମଞ୍ଚସ୍ଥ ହେବା ନେଇ ଯାତ୍ରା କମିଟି ସ୍ଥିର କରିଛି। କମିଟି ସଭାପତି ନିରଞ୍ଜନ ରାଉଳ, ମୁରଲୀ ପାଢ଼ୀ, କୈଳାସ ସାହୁଙ୍କ ସମେତ ଗ୍ରମବାସୀ ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ । ସେହିପରି ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଜୟନ୍ତିପୁର ଗାଁରେ ଥିବା ପଶ୍ଚିମେଶ୍ୱରୀଙ୍କ ପୀଠରେ ମା’ଙ୍କର ଷୋଡଶ ପୂଜା ଆରମ୍ଭ ହୋଇଛି।

# ଚାରାରୋପଣ ଏକ ପବିତ୍ର କାର୍ଯ୍ୟ

**ବ୍ରହ୍ମପୁର ଅଫିସ୍,୨୨।୯**

ବ୍ରହ୍ମପୁର ସବୁଜ ବାହିନୀ ତରଫରୁ ସବୁଜ ମହୋତ୍ସବ-୨୦୧୯ ସ୍ଥାନୀୟ ରୋଟାରୀ କ୍ଲବରେ ରବିବାର ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ପରିବେଶ କର୍ମୀ ଯୋଗ ଦେଇଥିଲେ । ବୃକ୍ଷ ବିନା ମଣିଷ ସଭ୍ୟତା ବଞ୍ଚିବା କଷ୍ଟ। ଏଣୁ ସମସ୍ତେ ବଞ୍ଚିବା ପାଇଁ ପ୍ରଥମେ ଗଛ ଲଗାଇବା ଆବଶ୍ୟକ। ଚାରା ରୋପଣ ଏକ ପବିତ୍ର କାର୍ଯ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ଣ୍ଣ କଳସ, ପୁଷ୍ପ, ଚନ୍ଦନ ଓ ବେଦଧ୍ୱନୀରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଡ.ଶଙ୍କର ନାରାୟଣ ବେଜ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଓ ସମ୍ପାଦକ ଏମ୍.ଦିଲ୍ଲୀପ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶାର ପରିବେଶ ସୁରକ୍ଷା ତଥା ଚାରାରୋପଣ କ୍ଷେତ୍ରରେ




ଅମରେଶ ନରେଶ ସାମନ୍ତଙ୍କୁ ସବୁଜ ସମ୍ମାନ ପ୍ରଦାନ କରାଯାଉଛି ।

କାର୍ଯ୍ୟ କରିଥିବା ପାରାଦୀପର ଅମରେଶ ନରେଶ ସାମନ୍ତ ଏବଂ ନୟାଗଡ଼ର ବାବା ଅବିନାଶ ଦାସଙ୍କୁ ସବୁଜ ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ‘ଆସନ୍ତୁ ଗଢିବା ରକ୍ତ ସମ୍ପର୍କ’ ରକ୍ତଦାନ ଶିବିରରେ ସମସ୍ତ ସହଯୋଗର ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସୁପର ୩୦ ଗ୍ରୀନ୍ ଓଡ଼ିଶା ଆବାହକ ଧର୍ମେନ୍ଦ୍ର କର, ଗ୍ରୀନ ପାରିକୁଦ ସଦସ୍ୟା ଅମିତା ତରାଇ, ନୟାଗଡ ଜିଲା ଫ୍ରେଣ୍ଡସ ହେଲପିଂ କ୍ଲବର ଜ୍ଞାନ ରଞ୍ଜନ ପଣ୍ଡା, ପୁରୀ ଜିଲା ଅନ୍ତରଙ୍ଗ ଓଡିଶା ପର୍ଯ୍ୟାବରଣ ସୁରକ୍ଷା ଅଭିଯାନର ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏମ୍‌ପି ସାହୁ ଲୋକମାନଙ୍କୁ ଚାରାରୋପଣ କରିବାକୁ ଅନୁରୋଧ କରିଥିଲେ। ବିଧାୟକ ପଣ୍ଡା ଆହ୍ୱାନ ଦେଇଥିଲେ କି ଆସନ୍ତୁ ସମସ୍ତେ ମିଳିମିଶି ବ୍ରହ୍ମପୁର ସମେତ ସାରା ଓଡ଼ିଶାକୁ ସବୁଜ କରିବା ଏବଂ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଆଶ୍ୱାସନା ଦେଇଥିଲେ। ଶୀଘ୍ର ଏକ ବୃକ୍ଷ ସ୍ଥାନାନ୍ତରିତ ଯନ୍ତ୍ର ବ୍ରହ୍ମପୁରକୁ ଆଣିବା ପାଇଁ ପ୍ରୟାସ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ମହାରଣା କହିଥିଲେ, ଯେହେତୁ ବୃକ୍ଷ ଆମକୁ ଅମ୍ଳଜାନ, ଖାଦ୍ୟ, ବସ୍ତ୍ର, ବାସଗୃହ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବରେ ସବୁ ଆବଶ୍ୟକତା ପୂରଣ କରୁଛି । ତେଣୁ ସେ ହିଁ ପ୍ରକୃତ ବନ୍ଧୁ । ଆସନ୍ତୁ ସମସ୍ତେ ବୃକ୍ଷକୁ ସୁରକ୍ଷା ଦେବା ବୋଲି ସେ କହିଥିଲେ । ଅରବିନ୍ଦ ଦେଶୀବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ମାରୱାଡି ମହିଳା ସମିତି ସମ୍ପାଦିକା ରୁବି ଖେମାଣି, ମହାତ୍ମା ହେଲ୍ପିଂ ହ୍ୟାଣ୍ଡର ଏମ୍.ଭେଙ୍କଟ ରାମାଣା, ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ଶ୍ୟାମସୁନ୍ଦର ଖାଡଙ୍ଗା, ସୁଶାନ୍ତ ମହାନ୍ତି, ସବୁଜ ବାହିନୀର ସୁଶିଲ କୁମାର, ସୂର୍ଯ୍ୟ ଦାସ, ସନିଆ ଗୌଡ଼ ଏବଂ ନେଚର ଲଭର୍ସ ଓଡିଶାର ଆବାହକ ଶ୍ରୀନିବାସ ରାଜାନାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ପରିବେଶପ୍ରେମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

- ଅମରେଶ ନରେଶ ସାମନ୍ତ ଏବଂ ବାବା ଅବିନାଶ ଦାସଙ୍କୁ ସବୁଜ ସମ୍ମାନ
- ରକ୍ତଦାନ ଶିବିରରେ ସହଯୋଗ କରିଥିବା ସମସ୍ତ ଅନୁଷ୍ଠାନ ସମ୍ମାନିତ

## ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ, ୪ ଗିରଫ

**ବ୍ରହ୍ମପୁର ଅଫିସ,୨୨।୯**

ପୂର୍ବଶତ୍ରୁତାରୁ ଜଣେ ବ୍ୟବସାୟୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ସଦର ଥାନା ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗଳା ଦାସ, ମନୋଜ ଦାସ, କାଳିଆ ଦାସ ଓ ଧୀରେନ୍ଦ୍ର ଦାସ। ମାମଲା ନଂ.୨୪୪/୧୯ରେ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ନିମଖଣ୍ଡିର ଗୋପାଳ ସାହୁ ଏକ ଖାଲି ଫ୍ୟାକ୍ଟ୍ରି କରିଛନ୍ତି। ସେ ଶନିବାର ରାତି ପ୍ରାୟ ୧୦ଟାରେ ନିମଖଣ୍ଡି ଛକରେ ଥିବା ଏକ ଫାଷ୍ଟ ଫୁଡ଼ ଦୋକାନ ନିକଟରେ ଛିଡା ହୋଇଥିଲେ। ସେଠାରେ ପୂର୍ବରୁ ଛିଡା ହୋଇଥିବା କେତେକ ଯୁବକ ଗୋପାଳଙ୍କ ସହ କୌଣସି କାରଣକୁ କେନ୍ଦ୍ର କରି ଝଗଡା କରିଥିଲେ। ପରେ ଯୁବକମାନେ ବିଭିନ୍ନ ମାରଣାସ୍ତ୍ରରେ ଗୋପାଳଙ୍କୁ ମରଣାନ୍ତକ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୋପାଳଙ୍କୁ ଏଭଳି ଆକ୍ରମଣ କରାଯାଇଥିବା ପୋଲିସ କହିଛି।

## ଆର୍ମି ଏୟାର୍ ଡିଫେନ୍ସର ରିୟୁନିୟନ୍

**ବ୍ରହ୍ମପୁର ଅଫିସ୍,୨୨।୯**

ଗୋଲାବନ୍ଧ ଆର୍ମି ଏୟାର୍ ଡିଫେନ୍ସର ଷଷ୍ଠ ରିୟୁନିୟନ୍ ଶୁକ୍ରବାର ଏବଂ ଶନିବାର ଦୁଇ ଦିନ ପର୍ଯ୍ୟନ୍ତ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଏବଂ ବର୍ତ୍ତମାନ କାର୍ଯ୍ୟରତ ଏୟାର୍ ଡିଫେନ୍ସର ଯବାନ୍ ଏବଂ ବରିଷ୍ଠ ଅଧିକାରୀମାନେ ସପରିବାର ଭାଗ ନେଇଥିଲେ। ପ୍ରାରମ୍ଭରେ ଶହୀଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶହୀଦ୍‌ଙ୍କ ସ୍ତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ ସହ ବିଭିନ୍ନ ର୍ୟାଙ୍କର ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏୟାର୍ ଡିଫେନ୍ସ ୨୫ବର୍ଷର ଗୌରବମୟ ଇତିହାସ ସମ୍ପର୍କିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥି ସହ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ’ ଏବଂ ବ୍ୟାଣ୍ଡ ଦ୍ୱାରା ସଂଗୀତ ପରିବେଷଣ ହୋଇଥିଲା ।

## ଗଳ୍ପ ସଂକଳନ ‘ଅଳ୍ପରେ ଗଳ୍ପ’ ଉନ୍ମୋଚିତ



ଅତିଥିମାନେ ଗଳ୍ପ ସଂକଳନ ‘ଅଳ୍ପରେ ଗଳ୍ପ’କୁ ଉନ୍ମୋଚନ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୨୨।୯**

ସମାଜ ଓ ସାହିତ୍ୟ ପରସ୍ପର ପରିପୂରକ । ତେଣୁ ସାମ୍ପ୍ରତିକ ସମାଜର ବିଭିନ୍ନ ସମସ୍ୟା ନେଇ ସାହିତ୍ୟ ସୃଷ୍ଟି କଲେ ତାହା ପାଠକ ମହଲରେ ବେଶ ଆଦୃତ ହୋଇପାରିବ । ଜଣାଶୁଣା ଆଇନଜୀବୀ, ଶ୍ରମିକନେତା, ରାଜନୀତିଜ୍ଞ ଓ ଯୁବ ଗାଳ୍ପିକ ପୀତବାସ ପଣ୍ଡାଙ୍କ ରଚିତ ‘ଅଳ୍ପରେ ଗଳ୍ପ’ ରବିବାର ଉନ୍ମୋଚନ ଅବସରରେ ଏହି ମତ ପ୍ରକାଶ ପାଇଛି । ନିଜର ଅନୁଭୂତିକୁ ନେଇ ୨୫ ଗଳ୍ପ ସଂକଳନରେ ଲେଖାଯାଇଛି ।

ଲୋକାର୍ପିତ ସମାରୋହରେ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ସୁରେନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଓ ସମାଜ ବିଜ୍ଞାନୀ ଭଗବାନ ସାହୁ ଯୋଗଦେଇ ବାସ୍ତବବାଦୀ ଗଳ୍ପଗୁଡ଼ିକ ସମ୍ପର୍କରେ ତର୍ଜମା କରିଥିଲେ। ଏହି ଅବସରରେ ଓଡ଼ିଆ ଗଳ୍ପରେ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଏକ ଆଲୋଚନାରେ ଅମ୍ବିକା ଦାସ, ଜଗନ ମୋହନ ମହାପାତ୍ର, ସୁଦର୍ଶନ ନାୟକ, ସୁଧାଂଶୁ ପଣ୍ଡା, ଶିଶିର କୁମାର ପାଢ଼ୀ, ଅଜିତ ସାହୁ, ନିରଞ୍ଜନ ନାୟକ ପ୍ରମୁଖ ଭାଗ ନେଇଥିଲେ। ଗଞ୍ଜାମ ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରାଙ୍କ ସମେତ ବିଭିନ୍ନସ୍ତରର ଲୋକ ଉପସ୍ଥିତ ଥିଲେ। ପ୍ରକାଶକ କୁରେଶୁ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଲେଖକ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବହୁ ସଂଖ୍ୟକ ଓକିଲ, ସାହିତ୍ୟପ୍ରେମୀ, ଶ୍ରମିକ ନେତା ଯୋଗ ଦେଇଥିଲେ। ସାମାଜିକ ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ ଲାଗି ଲେଖନୀ ଚାଳନା କରିବାକୁ ପୀତବାସଙ୍କୁ ଉତ୍ସାହିତ କରାଯାଇଥିଲା।

## ଆସନ୍ତା ୪ରେ କୋର୍ଟରେ ହାଜର ପାଇଁ ୬ ଜଣଙ୍କୁ ନୋଟିସ

**ବ୍ରହ୍ମପୁର ଅଫିସ,୨୨।୯**

**ଜମି କରାଇଦେବା ନା’ରେ ଠକେଇ**

ଜମି କରାଇଦେବାକୁ କହି ଟଙ୍କା ଠକେଇ ହୋଇଥିବା ନେଇ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଖଲି ଦାସ ଆବେଦନ କରିଥିଲେ। କୋର୍ଟ ପକ୍ଷରୁ ନଂ.୨୨୭/୧୯ରେ ଏକ ୱାନ୍ ସିସି ମାମଲା ରୁଜୁ ହୋଇଥିଲା। ଏହାର ଶୁଣାଣି କରି ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ୬ ଜଣଙ୍କୁ ଆସନ୍ତା ୪ ତାରିଖରେ କୋର୍ଟରେ ହାଜର ପାଇଁ ନୋଟିସ ଜାରି କରିଛନ୍ତି। ସେମାନେ ହେଲେ ହଳଦିଆପଦରର ଶାନ୍ତିଲତା ମହାରଣା, ନର୍ମଦା ମହାରଣା, ସୁକାନ୍ତି ମହାରଣା, ଗୋଷାଣୀନୂଆଗାଁର ପୁଷ୍ପାଞ୍ଜଳି ମହାରଣା, ମନମୋହନ ମହାରଣା ଓ ଲଳିତ ମୋହନ ମଙ୍ଗରାଜ ବୋଲି କୋର୍ଟ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ୨୦୧୩ରେ ହଳଦିଆପଦର ମୌଜାରେ ଶାନ୍ତିଲତା ପାଣିଗ୍ରାହୀ, ନର୍ମଦା ମହାରଣା ଓ ସୁକାନ୍ତି ମହାରଣାଙ୍କ ନାମରେ ଥିବା ୩୯.୬ ଡେସିମିଲ ଜାଗା ପାଇଁ ସେମାନେ ଖଲିଙ୍କଠାରୁ ଟଙ୍କା ନେଇଥିଲେ। ଏପରିକି ରେଜିଷ୍ଟ୍ରି ସେଲ ଡ଼ିଡ଼ ନମ୍ବର ୧୦୬୧୧୩୦୫୪୧୯୧ ରେ ଉକ୍ତ ଜମିକୁ ଖଲି କିଣିଥିଲେ। ହେଲେ ଜମି ପଟ୍ଟା ପାଇଁ ଖଲି କନିଷ୍ଠି ତହସିଲରେ ଆବେଦନ କରିଥିଲେ ମଧ ତାଙ୍କୁ ପଟ୍ଟା ମିଳି ନ ଥିଲା। ଜମି ପଟ୍ଟା କରାଇଦେବା ସହ ଏହା ନିକଟରେ ଥିବା ଅନ୍ୟ ଏକ ଜମି କିଣାଇ ଦେବି ବୋଲି କହି ଲଳିତ ମୋହନ ମଙ୍ଗରାଜ ଖଲିଙ୍କଠାରୁ ୨୦ ଲକ୍ଷ ଟଙ୍କା ନେଇଥିଲେ। ସେ କିଣିଥିବା ଜମି ପଟ୍ଟା ନ ହେବାରୁ ଖଲି ଲଳିତଙ୍କୁ ଦେଇଥିବା ଟଙ୍କା ଫେରାଇ ଦେବାକୁ କହିଥିଲେ। ଲଳିତ ୧୨ ଲକ୍ଷ ଟଙ୍କା ଖଲିଙ୍କୁ ଫେରାଇଥିବା ବେଳେ ବଳକା ୮ ଲକ୍ଷ ଟଙ୍କା ଫେରାଇ ନ ଥିଲେ। ଅନ୍ୟପଟେ ଖଲି କ୍ରୟ କରିଥିବା ୩୯.୬ ଡେସିମିଲ ଜାଗାର ନକଲି କାଗଜପତ୍ର କରି ହଡପ କରିଥିବା ଖଲି ଜାଣିବାକୁ ପାଇଥିଲେ। ଶେଷରେ ସେ ଏସ୍‌ଡ଼ିଜେଏମ କୋର୍ଟରେ ନ୍ୟାୟ ପାଇବା ପାଇଁ ଆଶ୍ରୟ ନେଇଛନ୍ତି।

## ସାବାର୍ଡ଼ର ସାଧାରଣ ବୈଠକ

**ବ୍ରହ୍ମପୁର ଅଫିସ୍,୨୨।୯**

ଗୀତା ଭବନରେ ସାବାର୍ଡ଼ର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଦିଲୀପ କୁମାର ପାତ୍ର ବୈଠକକୁ ସମ୍ବୋଧନ କରିଥିଲେ । ସଂଘର ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଉପଦେଷ୍ଟା ସୁରେନ୍ଦ୍ରନାଥ ସାହୁ, ଉପସଭାପତି ଶିବ ପ୍ରସାଦ ମିଶ୍ର, ସମ୍ପାଦକ କୈଳାସ ପାଣିଗ୍ରାହୀ, କୋଷାଧ୍ୟକ୍ଷ ହେମନ୍ତ ମିଶ୍ର, ଯୁଗ୍ମ ସମ୍ପାଦକ ରାମ ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦିକା ମିନତୀ ରଥ, ସଦସ୍ୟ ମନୋଜ ଆଚାର୍ଯ୍ୟ, ଏମ୍.ପୂର୍ଣ୍ଣ ପାତ୍ର, ସଞ୍ଜୟ ସାହୁ, କୈଳାସ ସାହୁ, ରାମକୃଷ୍ଣ ମହାରଣା, ରବି ସାହୁ, ଶ୍ୟାମ ସାହୁ, ସୁବାସ ପଟ୍ଟନାୟକ, ଜୀବନ ପଟ୍ଟନାୟକ, ସୁଧାଂଶୁ କର, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କୋର୍ଟଷ୍ଟାଫ୍ ନୃସିଂହ ଚରଣ ଦାସ ଯୋଗ ଦେଇଥିଲେ। ମିଡ଼ିଆ ସମ୍ପାଦକ ସୁଦୀପ ସାହୁ ଉପସ୍ଥିତ ଥିଲେ । ଅକ୍ଟୋବର ୨୦ରେ ତାରାତାରିଣୀ ପୀଠରେ ସଂକଳ୍ପ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ମା’ ଝିଅଙ୍କୁ ଅସଦାଚରଣ, ୨ ଗିରଫ

**ବ୍ରହ୍ମପୁର ଅଫିସ,୨୨।୯**

ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ଅସଦାଚରଣ କରାଯାଇଥିବା ମାମଲାରେ ସଦର ଥାନା ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦୀନେଶ ସାହୁ, ଗଣେଶ ସାହୁ। ମାମଲା ନଂ.୨୪୫/୧୯ରେ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି।

ପ୍ରକାଶଯେ, ଦୀନେଶ ଜଣେ ଛାତ୍ରୀଙ୍କୁ ସ୍କୁଲ ଯିବା ବେଳେ କମେଣ୍ଟ ମାରୁଥିଲେ। ଶନିବାର ଛାତ୍ରୀ ଜଣକ ସ୍କୁଲରୁ ଘରକୁ ଫେରୁଥିବା ବେଳେ ଦୀନେଶ ତାଙ୍କୁ ଅଟକାଇ ଟଣାଓଟରା କରିଥିଲେ। ପରେ ଛାତ୍ରୀ ଏନେଇ ତାଙ୍କ ମା’ଙ୍କୁ କହିଥିଲେ। ଏନେଇ ମହିଳା ଜଣଙ୍କ ଦିନେଶଙ୍କୁ ପଚାରିଥିଲେ। ଶନିବାର ରାତିରେ ଦୀନେଶ ଓ ତାଙ୍କର ଅନ୍ୟଜଣେ ସାଙ୍ଗ ଗଣେଶ ମିଶି ଉକ୍ତ ମହିଳାଙ୍କ ଘରେ ପଶି ଉଭୟ ମା’ ଓ ତାଙ୍କ ଝିଅଙ୍କୁ ଅସଦାଚରଣ କରିଥିଲେ। ପରେ ପୀଡ଼ିତା ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

## ନଭେମ୍ବରରେ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର



ଖବରଦାତା ସମ୍ମିଳନୀରେ ଉପସ୍ଥିତ କ୍ଲବ କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ୍,୨୨।୯**

ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟ ଏବଂ କଲିକତା ମହାବୀର ସେବା ସଦନ ସଂସ୍ଥା ମିଳିତ ଆନୁକୂଲ୍ୟରେ ଗରିବ ଓ ଆର୍ଥିକ ଅନଗ୍ରସର ଦିବ୍ୟାଙ୍ଗମାନଙ୍କ ପାଇଁ କୃତ୍ରିମ ଗୋଡ଼ ମାଗଣାରେ ପ୍ରଦାନ କରାଯିବ। ନଭେମ୍ବର ତୃତୀୟ ସପ୍ତାହରେ ଏହି ଶିବିର ଆୟୋଜିତ ହେବ। ଯେଉଁମାନେ ଶିବିରରେ ଭାଗନେବାକୁ ଚାହୁଁଛନ୍ତି, ସେମାନେ ଅକ୍ଟୋବର ୨୦ରେ କ୍ଲବ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜୀକୃତ କରିପାରିବେ। ରବିବାର କ୍ଲବରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଲବ କର୍ମକର୍ତ୍ତାମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ କୃତ୍ରିମ ହସ୍ତାଂଶ ପ୍ରଦାନ କାର୍ଯ୍ୟକ୍ରମ ‘ସକ୍ଷମ-୧’ ଜରିଆରେ ୧୪ଶହରୁ ଅଧିକ ଦିବ୍ୟାଙ୍ଗଙ୍କୁ କୃତ୍ରିମ ହସ୍ତ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ‘ସକ୍ଷମ-୨’ରେ କୃତ୍ରିମ ଗୋଡ଼, ପୋଲିଓ ଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ସହାୟକ ଉପକରଣ ଆଦି ପ୍ରଦାନ କରାଯିବ। ରୋଟାରୀ ୩୨୬୨ ଜିଲାରେ ବ୍ରହ୍ମପୁର ଇଷ୍ଟ ସମାଜ ସେବା କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି । ଏହି କ୍ରମରେ ସମାଜରେ ଥିବା ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଗୋଡ଼ ପ୍ରଦାନ କରାଯାଇ ସାମାଜିକ କର୍ତ୍ତବ୍ୟ ସମ୍ପାଦନ କରାଯିବ। ଜିଲାରେ କିମ୍ବା ବାହାରେ ଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନେ ଶିବିରରେ ବହୁ ସଂଖ୍ୟାରେ ସାମିଲ୍ ହେବାକୁ ଆହ୍ୱାନ ଦିଆଯାଇଛି। ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ରଞ୍ଜିତ କୁମାର ପାତ୍ର, ଚେୟାର୍‌ମ୍ୟାନ୍ ସୁଧାଂଶୁ ଶେଖର ଖଡ଼ଗରାୟ, ପୂର୍ବତନ ସଭାପତି ଅଜିତ କୁମାର ପୃଷ୍ଟି ଏବଂ ସମ୍ପାଦକ ସୁମିତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଭିନ୍ନକ୍ଷମ ଜଗନ୍ନାଥଙ୍କ ପରିବାରକୁ ‘ଆଶ୍ରୟ’ର ସାହାରା

## ୩ ବର୍ଷ ଧରି ପ୍ଲାଟଫର୍ମରେ ବିତାଉଥିଲେ ରାତି

**ବ୍ରହ୍ମପୁର ଅଫିସ,୨୨।୯**

ସମୟ ଓ ପରିସ୍ଥିତି ସେମାନଙ୍କୁ କରିଥିଲା ବାସହୀନ। ନିଜର ୪ ଭଉଣୀଙ୍କୁ ବିବାହ କରାଇବାକୁ ଯାଇ ସର୍ବସ୍ୱ ହରାଇବା ପରେ ବ୍ରହ୍ମପୁର ରେଳଷ୍ଟେଶନରେ ନେଇଥିଲେ ଆଶ୍ରୟ । ଭିନ୍ନକ୍ଷମ ହେତୁ କାର୍ଯ୍ୟ ମିଳୁ ନ ଥିବାରୁ ୫ ଟଙ୍କିଆ ଆହାର ଖାଇ କଷ୍ଟରେ ସ୍ତ୍ରୀ ଓ ଝିଅଙ୍କ ସହ ରେଳଷ୍ଟେଶନ ପ୍ଲାଟଫର୍ମରେ ରାତି କଟାଉଥିଲେ। କିନ୍ତୁ ଦୀର୍ଘ ୩ବର୍ଷ ଷ୍ଟେଶନରେ ରହିବା ପରେ ବ୍ରହ୍ମପୁର ମହାନଗର ନିଗମ ଓ ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନ୍‌ୟୁଏଲଏମ୍) ସହଯୋଗରେ ନିର୍ମିତ ଆଶ୍ରୟ ଏବେ ସେମାନଙ୍କୁ ଦେଇଛି ବଞ୍ଚିବାର ସାହାରା। ଏହା କୁହନ୍ତି ଦମ୍ପତି ଜଗନ୍ନାଥ ମହାରଣା ଓ ରଶ୍ମିତା ମହାରଣା ।

୧୫ ବର୍ଷ ତଳେ ୪ ଭଉଣୀଙ୍କ ବାହାଘର ପାଇଁ ହିଞ୍ଜିଳିକାଟୁ ଅଞ୍ଚଳର ଘର, ଜମି ସବୁ ବିକ୍ରି ପରେ ବାପା, ମାଆ ଓ ବଡଭାଇ ସୁରଟରେ କାମ କରୁଛନ୍ତି। ଭିନ୍ନକ୍ଷମ ଯୋଗୁ ବାହାରକୁ କାମ କରିବାକୁ ଯାଇ ନ ପାରି ବ୍ରହ୍ମପୁରକୁ କାର୍ଯ୍ୟ ସନ୍ଧାନରେ ଆସି ନିଜ ସ୍ତ୍ରୀ ଓ ୫ ବର୍ଷର ଝିଅ ସହ ରେଳ ଷ୍ଟେଶନରେ ଆଶ୍ରୟ ନେଉଥିଲେ । ବୁଲି ବୁଲି ଇଲେକ୍ଟ୍ରି କାମ କରି ଯେଉଁ ଟଙ୍କା ପାଉଥିଲେ ସେଥିରେ ଜଗନ୍ନାଥ ଝିଅ ଓ ସ୍ତ୍ରୀ ଚଳୁଥିଲେ। ୩ ମାସ ତଳେ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଅଧୀନ ଆଶ୍ରୟ ସୋସିଆଲ ମୋବିଲାଇଜରମାନେ ସେମାନଙ୍କୁ ରେଳଷ୍ଟେଶନରୁ ଆଣି ଆଶ୍ରୟରେ ସ୍ଥାନ ଦେଇଥିବା ଜଗନ୍ନାଥ କହିଛନ୍ତି। ଆଶ୍ରୟକୁ ଆସିବା ପରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଟିଏ ହେବା ସହ ଏନ୍‌ୟୁଏଲଏମ୍ ସହଯୋଗରେ ଜଗନ୍ନାଥଙ୍କ ରୋଜଗାର ତଥା କାର୍ଯ୍ୟ ଯୋଗାଇବା ଦିଗରେ ମଧ ପ୍ରୟାସ କରାଯାଉଥିବା ପରିଚାଳକଙ୍କ ପକ୍ଷରୁ ସୂଚନା ମିଳିଛି।



ଜଗନ୍ନାଥ ମହାରଣା ଓ ରଶ୍ମିତା ।

ସୂଚନାଯୋଗ୍ୟ, ବ୍ରହ୍ମପୁରରେ ବାସହୀନ ଭାବେ ଜୀବନ ବିତାଉଥିବା ଅସହାୟ ଲୋକଙ୍କୁ ଥଇଥାନ ଉଦ୍ଦେଶ୍ୟରେ ୨୦୧୮ ଡିସେମ୍ବର ୧ରେ ‘ଆଶ୍ରୟ’ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା । ନୂଆ ବସ୍‌ଷ୍ଟାଣ୍ଡରୋଡସ୍ଥିତ ପାୟଲ ହଲ ସମ୍ମୁଖରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମିତ ହୋଇଥିଲା ।

କେନ୍ଦ୍ରରେ ୭୦ ପୁରୁଷ ଓ ମହିଳା ରହିବା ନେଇ ବ୍ୟବସ୍ଥା କରାଯିବା ସହ ବେଡ, ବେଡଶିଟ, କମ୍ବଳ ଓ ମଶାରି ଭଳି ଆବଶ୍ୟକ ସାମଗ୍ରୀ ମଧ ରଖାଯାଇଛି ।

## ସଂକ୍ଷେପରେ

### ଦେବୀଙ୍କ ପୀଠରେ ଷୋହଳ ପର୍ବ ପୂଜାରମ୍ଭ



ହିଞ୍ଜିଳିକାଟୁ,୨୨।୯(ଡି.ଏନ୍.ଏ): ଶାରଦୀୟ ଦେବୀ ଷୋହଳ ପାର୍ବଣ ରବିବାର ମୂଳାଷ୍ଟମୀ ଅବସରରେ ହିଞ୍ଜିଳିକାଟୁ ଅଞ୍ଚଳର ବିଭିନ୍ନ ଶକ୍ତି ପୀଠରେ ଆରମ୍ଭ ହୋଇଛି। ହିଞ୍ଜିଳି କନକ ଦୁର୍ଗା ମନ୍ଦିର , ନୂଆଁ ବରୁପୋଡ଼ା ଶାଗଁଲେଇ ମନ୍ଦିର, ଖରିଡ଼ା କରେଇଶୁଣୀ ମନ୍ଦିରରେ ଦେବୀଙ୍କ ଷୋହଳ ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ବିଭିନ୍ନ ପୀଠରେ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ବିଭିନ୍ନ ମନ୍ଦିରରେ ମଧରାତ୍ର ପୂଜା ଓ ହୋମ ଯଜ୍ଞ କରାଯାଇଛି। ମନ୍ଦିର କମିଟି ସହ ପୂଜା ପାଇଁ ବହୁ ଭକ୍ତଙ୍କ ହିଞ୍ଜିଳି କନକ ଦୁର୍ଗାଙ୍କ ମନ୍ଦିରରେ ଭିଡ଼ ଲାଗିଥିଲା।

### ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୨୨।୯(ଡି.ଏନ.ଏ.): ବୁଗୁଡ଼ା ବଳଦେବ ସ୍ୱାମୀ ନୂତନ ବସ୍‌ଷ୍ଟାଣ୍ଡରେ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ବ୍ରାହ୍ମଣ ମନୋଜ କୁମାର ଦାଶ ଓ ଶିଶିର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଥମେ ଶୁଭଖୁଣ୍ଟିକୁ ପୂଜାପାଠ କରି ମନ୍ତ୍ରପୂତ କରିଥିଲେ। କର୍ତ୍ତା ଲିଙ୍ଗରାଜ ଆଚାରୀଙ୍କ ଦ୍ୱାରା ଶୁଭଖୁଣ୍ଟି ବସ୍‌ଷ୍ଟାଣ୍ଡ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂଜା କମିଟିର ସଭାପତି ଅନିଲ ପଟ୍ଟନାୟକ, ସମ୍ପାଦକ ପବିତ୍ର ନାୟକ, ଯୋଗିନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରକାଶ ପାଉନି ଅଯୋଗ୍ୟ କାଳିଆ ତାଲିକା

କବିସୂର୍ଯ୍ୟନଗର,୨୨।୯-ରାଜ୍ୟରେ ଅଯୋଗ୍ୟ କାଳିଆ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟ ଶେଷ ହେବାର ୧ ମାସ ବିତି ଯାଇଛି। ତେଣୁ ହିତାଧିକାରୀଙ୍କ ତାଲିକା ପ୍ରକାଶ କରିବାକୁ କୃଷି ଅଧିକାରୀଙ୍କୁ ଚାପ ପଡ଼ିଛି। କବିସୂର୍ଯ୍ୟନଗର ବ୍ଲକର ପ୍ରାୟ ୪ ହଜାର ଅଯୋଗ୍ୟ ହିତାଧିକାରୀ ରହିଥିବା କୃଷି ବିଭାଗ ପ୍ରାଥମିକ ଆକଳନ କରିଛି। କିନ୍ତୁ ଚୂଡ଼ାନ୍ତ ଚୟନ ପ୍ରକ୍ରିୟାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, ସରକାରୀ କର୍ମଚାରୀ, ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କୁ କାଳିଆ ଅର୍ଥ ପ୍ରଶାସନ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଯୋଜନାରେ ଦେଇଥିବା ଟଙ୍କା ମାଗିବାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବ୍ଲକରେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ହୋଇଥିଲେ ମଧ ତାହା ପ୍ରକାଶ କରାଯାଉ ନ ଥିବାରୁ କୃଷି ଅଧିକାରୀ କାର୍ଯ୍ୟ ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ କୃଷି ଅଧିକାରୀ ବୃନ୍ଦାବନ ବେହେରା କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ । ଆଗକୁ ଅଯୋଗ୍ୟ ସଂଖ୍ୟା ବଢ଼ିବା ଓ ପୁନଃ ତଦନ୍ତ କରି ପ୍ରକୃତ ଅଯୋଗ୍ୟଙ୍କୁ ବାଦ ଦେବା କହିଥିଲେ ସୁଦ୍ଧା ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଦେବାକୁ ମନା କରିଥିଲେ ।

## ■ ୟୁନାଇଟେଡ ବ୍ୟାଙ୍କ ଲୋନ ଜାଲିଆତି ଘଟଣା

# ମାମଲା ଚାପି ଦେବାକୁ ଉଦ୍ୟମ

■ଜଣେ ନୁହେଁ ଅଛନ୍ତି ୩ ମଧ୍ୟସ୍ଥି

■ଶାଖା ପରିଚାଳକଙ୍କ ନାଁରେ ୧୫ରୁ ଊର୍ଦ୍ଧ୍ୱ ଏତଲା

ଫୁଲବାଣୀ ଅଫିସ, ୨୨।୯

କନ୍ଧମାଳ ଜିଲା ଫୁଲବାଣୀ ୟୁନାଇଟେଡ ବ୍ୟାଙ୍କ ଶାଖା ପରିଚାଳକଙ୍କ ନାମରେ ଗ୍ରାହକମାନେ ଅଭିଯୋଗ ଆଣିବା ଘଟଣାକୁ ୩ ଦିନ ବିତିଲାଣି। ତାଙ୍କ ନାମରେ ୧୫ରୁ ଊର୍ଦ୍ଧ୍ୱ ଏତଲା ହୋଇଥିଲେ ହେଁ ପୋଲିସ ଏ ପର୍ଯ୍ୟନ୍ତ ମାମଲା ରୁଜୁ କରୁନାହିଁ। ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଉଛି। ଏହା ପଛରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଶାଖା ପରିଚାଳକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଜଣେ ମଧ୍ୟସ୍ଥିଙ୍କୁ ଡାକି ବାରମ୍ବାର ପଚରା ଉଚରା କରିବା ସହ ତାଙ୍କୁ ଫସାଇବାକୁ ଉଦ୍ୟମ କରୁଛି। କିନ୍ତୁ ବ୍ୟାଙ୍କରେ ୩ ଜଣ ମଧ୍ୟସ୍ଥିଙ୍କ ଦ୍ୱାରା ଏହି କାରବାର ହେଉଥିଲେ ହେଁ ସେମାନଙ୍କୁ ପଚରାଉଚରା କରାଯାଉନାହିଁ।

ପ୍ରକୃତରେ ହିତାଧିକାରୀଙ୍କ ଆକାଉଣ୍ଟରୁ ଏଟିଏମ୍ ଜରିଆରେ ଉଠିଥିବା ଟଙ୍କା କିଏ ଉଠାଇଛି ତାହାର ସିସିଟିଭି ଫୁଟେଜ ଏ ପର୍ଯ୍ୟନ୍ତ ଆଦର୍ଶ ଥାନା ପୋଲିସ ସଂଗ୍ରହ କରୁନାହିଁ। ଫଳରେ ତଦନ୍ତକୁ ନେଇ ଗ୍ରାହକମାନେ ଅସହାୟ ହୋଇପଡିଛନ୍ତି। ସେମାନଙ୍କ ଟଙ୍କା କିପରି ମିଳିବ ସେନେଇ ଏବେ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷେ ବର୍ଷବର୍ଷ ଧରି ବ୍ୟାଙ୍କରେ ଏହି କାର୍ଯ୍ୟ ହୋଇ ଆସୁଥିବାବେଳେ ଶାଖା ପରିଚାଳକ ସେହି ମଧ୍ୟସ୍ଥି(୩ ଜଣ)ଙ୍କ ନାମରେ ଆଗରୁ କାହିଁକି ଅଭିଯୋଗ କରି ନାହାନ୍ତି। ଜଣଙ୍କ ନାମରେ ଏତଲା ଦେଇଥିବାବେଳେ ବାକି ୨ ଜଣଙ୍କ ନାଁରେ କାହିଁକି ଏତଲା ଦେଇନାହାନ୍ତି ବୋଲି ଲୋନ ନେଇଥିବା ଅନ୍ୟ ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଗତ ୨ ବର୍ଷ ମଧ୍ୟରେ କେତେ ଚାଷୀଙ୍କ କିଷାନ କ୍ରେଡିଟ୍ କାର୍ଡ (କେସିସି)ରେ ଲୋନ ହୋଇଛି। କେଉଁମାନେ କେତେ ଟଙ୍କା ପାଇଛନ୍ତି। କିଏ କେତେ ଟଙ୍କା ନେଇଛି ତାହା ପୋଲିସ ତଦନ୍ତ ପରିସରକୁ ଆଣିବ ନାଁ ଚପାଇ ଦେବ, ସେନେଇ ଏବେ ଆଲୋଚନା ଜୋର ଧରିଛି। ଏହି ବ୍ୟାଙ୍କରେ ୩ ଜଣ ମଧ୍ୟସ୍ଥି ଥିବା ବ୍ୟାଙ୍କ କର୍ମଚାରୀ କହିଛନ୍ତି। ଏଥିସହ ଶାଖା ପରିଚାଳକଙ୍କ ଫୋନ ନମ୍ବରକୁ ଯାଞ୍ଚକଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ନରେଶ କୁମାର ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। କାହାରି ନାମରେ ମାମଲା ରୁଜୁ ହୋଇନାହିଁ ବୋଲି ପ୍ରକାଶ କରିଛନ୍ତି।

### ବ୍ୟାଙ୍କରେ ଅଛନ୍ତି ୩ ମଧ୍ୟସ୍ଥି

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୩ ଜଣ ମଧ୍ୟସ୍ଥି ଏହି ଲୋନ କାରବାରରେ ସଂଶ୍ଳିଷ୍ଟ ଅଛନ୍ତି। ଜଣେ ବହୁ ପୁରୁଣା। ତାଙ୍କ ଘର ବଲସକୁମ୍ପା ଅଞ୍ଚଳରେ। ସେହିପରି ଅନ୍ୟ ଜଣେ ବାହାରୁ ଆସି ଫୁଲବାଣୀ ସହର ପିଅନପଡାରେ ରହୁଛନ୍ତି ଓ ଆଉଜଣେ ଖଜୁରିପଡା ଥାନା ଅଞ୍ଚଳର। ଯାହାଙ୍କୁ ପୋଲିସ ଏବେ ପଚରା ଉଚରା କରୁଛି।

### ଫୋନ ଯାଞ୍ଚ ହେବା ଆବଶ୍ୟକ

ବ୍ୟାଙ୍କର ଶାଖା ପରିଚାଳକ ବିଗତ ଦିନରେ କାହା ସହ କଥା ହୋଇଛନ୍ତି। ଏହି ୩ ଜଣଙ୍କ ନମ୍ବରକୁ ସେ କଲ କରିଛନ୍ତି କି ନାହିଁ, ତାହା ଯାଞ୍ଚ ହେବାର ଆବଶ୍ୟକତା ରହିଛି। ଯଦି ପୋଲିସ ତାଙ୍କ ଫୋନ ନମ୍ବର କଲ ଡିଟେଲ୍ସ ବାହାର କରିବ ତାହାଲେ ସବୁ କଥା ପଦାକୁ ଆସିବ। ଏପରିକି ଶାଖା ପରିଚାଳକଙ୍କ ସ୍ୱାମୀଙ୍କ ନମ୍ବର ମଧ ତଦନ୍ତ ପରିସରକୁ ଆଣିବାକୁ ଦାବି ହେଉଛି।

### ହତ୍ୟା ଧମକ ଅଭିଯୋଗ

ଏହି ଘଟଣା ଲୋକାଲୋଚନକୁ ଆସିବା ପରେ ଶାଖା ପରିଚଳାକଙ୍କ ସମ୍ପର୍କୀୟ ଜଣେ ଯୁବକଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏ ନେଇ ସମ୍ପୃକ୍ତ ଯୁବକ ଶନିବାର ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରିନାହିଁ। ସୂଚନାଯୋଗ୍ୟ, ଏହି ବ୍ୟାଙ୍କ ଶାଖା ପରିଚଳାକ ଭାବେ ସାଗରିକା ନାୟକ ଦାୟିତ୍ୱ ତୁଲାଉଛନ୍ତି। ଗ୍ରାହକମାନଙ୍କୁ ଚାଷୀ ଋଣ କରାଇବା ପାଇଁ ଟଙ୍କା ମାଗନ୍ତି। ଯିଏ ଦେଲା ତାହାର ଋଣ ମଞ୍ଜୁର କରନ୍ତି। ଏପରିକି ସେମାନଙ୍କ ଏଟିଏମ୍ ମାଗି ମଧ ଟଙ୍କା ଉଠାଇ ନିଅନ୍ତି ବୋଲି ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଏକ ବିସ୍ତୃତ ଖବର ଧରିତ୍ରୀରେ ଗତ ୨୧ ତାରିଖରେ ପ୍ରକାଶ ପାଇଥିଲା।

## ଅଗ୍ନିକାଣ୍ଡ: ୨ ବଖରା ଜଳିଗଲା



କ୍ଷତିଗ୍ରସ୍ତ ଘର ଓ ପରିବାର।

ଖଜୁରିପଡ଼ା,୨୨।୯(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଦେହୁରି ସାହିରେ ଶନିବାର ନିଆଁ ଲାଗି ଦୁଇ ପରିବାରର ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ସନ୍ତୋଷ କୁମାର ଦେହୁରୀ ଓ ତ୍ରିଲୋଚନ ବିଷୋୟୀଙ୍କ ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଲୁଗାପଟା ସବୁ ପୋଡ଼ି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଥିଲେ। ଉକ୍ତ ଗରିବାର ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ନ ଥିବାରୁ ସେମାନଙ୍କୁ ଶୀଘ୍ର ସରକାରୀ ସାହାଯ୍ୟ ଓ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ବଲସକୁମ୍ପା ଗ୍ରାମବାସୀ ଏବଂ ସ୍ଥାନୀୟ ମା' ବରାଳୀ ଯୁବକ ସଂଘ ଓ ମା' ଇଷ୍ଟଦେବୀ ଯୁବକ ସଂଘ ଦାବି କରିଛନ୍ତି। ଶନିବାର ରାତି ୧୧ଟାରେ କୌଣସି କାରଣବଶତଃ ରୋଷେଇ ଘରୁ ନିଆଁ ବାହାରି ଚାଳରେ ଲାଗିବାରୁ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଯୁବକ ସଂଘର ସଦସ୍ୟମାନେ ପହଞ୍ଚି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ଆୟତ୍ତ ହୋଇନଥିଲା। ପରେ ଦମକଳ ବାହିନୀକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଅଞ୍ଚଳର ବିଏସ୍‌ଏନ୍‌ଏଲ୍ ନେଟୱର୍କ ଠିକ୍ ଭାବେ ସେବା ନ ଯୋଗାଉଥିବାରୁ ଯୁବକ ସଂଘର ସଦସ୍ୟମାନେ ଦମକଳ ଅଫିସକୁ ଯାଇ ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ଡାକିଥିଲେ।

# ପମ୍ପଚାଳକ, ଅପରେଟର କମିଟି ଗଠିତ



ବୈଠକରେ ଉପସ୍ଥିତ ପମ୍ପଚାଳକ ଓ ଅପରେଟର।

ଖଜୁରିପଡ଼ା,୨୨।୯(ଡି.ଏନ.ଏ.)

କନ୍ଧମାଳ ଜିଲାର ୧୨ ବ୍ଲକ ଓ ୧୭୧ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ତଥା ନଳକୂପ ମରାମତିରେ କାର୍ଯ୍ୟରତ ସମସ୍ତ ସ୍ୱାବଲମ୍ବୀ କାରିଗର ପମ୍ପଚାଳକ ଓ ଅପରେଟରଙ୍କ ମିଳିତ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହା ରାଜ୍ୟ ସରକାରଙ୍କ ଅତ୍ୟାବଶ୍ୟକ କାର୍ଯ୍ୟକ୍ରମ ହୋଇଥିଲେ ମଧ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା (ଏସଇଏମ) ପମ୍ପ ଚାଳକ ଓ ଅପରେଟରମାନେ ଦୈନିକ ୮ ଘଣ୍ଟାରୁ ଅଧିକ ସମୟ କାମ କରୁଛନ୍ତି। ପାରିଶ୍ରମିକ ବାବଦକୁ ମାତ୍ର ୨୦୦୦ ଟଙ୍କା ମିଳୁଛି। ଅନ୍ୟ କୌଣସି ସୁବିଧା ସୁଯୋଗ ନାହିଁ। ପାରିଶ୍ରମିକ ବଢ଼ାଇବା ସହ ସରକାରୀ ସ୍ୱୀକୃତି ପ୍ରଦାନ କରିବାକୁ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜିଲାସ୍ତରୀୟ ସ୍ୱାବଲମ୍ବୀ କାରିଗର ପମ୍ପ ଚାଳକ ଓ ଅପରେଟର କମିଟି ଗଠନ କରିବାକୁ ନିଷ୍ପତ୍ତି କରାଯାଇଥିଲା। ଆଗାମୀ ଦିନରେ ନ୍ୟାଯ୍ୟ ଦାବିପାଇଁ ଜିଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ଖଜୁରିପଡ଼ା ବ୍ଲକର ରଞ୍ଜିତ ମହାନନ୍ଦଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିବା ବେଳେ କ.ନୂଆଗାଁ ବ୍ଲକର ସୁରେନ୍ଦ୍ର ବିହ୍ୱାଣି ଉପସଭାପତି, ଚକାପାଦ ବ୍ଲକର ତ୍ରିପାଠୀ ଦିଗାଲ ସମ୍ପାଦକ, କୋଟଗଡ଼ ବ୍ଲକର ମନୋରଞ୍ଜନ ପାତ୍ରଙ୍କୁ ସହ ସମ୍ପାଦକ, ଖଜୁରିପଡ଼ା ବ୍ଲକର ଅର୍ଜୁନ କୁମାର ସାହାଣିଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥିଲା।

### ଗାନ୍ଧୀ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ପାତ୍ରପୁର, ୨୨।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଜରଡ଼ାଗଡ଼ରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ପାର୍ଥ ସାରଥିଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାର୍ଥ ସାରଥି ସେବା ସଂସଦ ଏହି କାର୍ଯ୍ୟ ହାତକୁ ନେଇଛି। ଆସନ୍ତା ୨୯ ତାରିଖରେ ଜରଡ଼ାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅଞ୍ଚଳର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ଗାନ୍ଧୀ ଜୟନ୍ତୀ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅକ୍ଟୋବର ୨ରେ ପୁରସ୍କୃତ କରାଯିବ। ଗାନ୍ଧୀ ଜୟନ୍ତୀ ସକାଳ ୬ ଟାରୁ ସଫେଇ କାର୍ଯ୍ୟ ଆରମ୍ଭ ହେବା ସହ ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି, ଗଞ୍ଜାମ ଜିଲା ଶିକ୍ଷକ ସଂଘ ସଭାପତି ଶଶାଙ୍କ କୁମାର ପ୍ରଧାନ, ପ୍ରଫୁଲ୍ଲ ପାଢ଼ୀ, ବସନ୍ତ ବାହୁକ ପ୍ରମୁଖ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ୮୦୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ତୁମୁଡ଼ିବନ୍ଧ,୨୨।୯(ଡ଼ି.ଏନ.ଏ.)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ତଥା ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ପରିପ୍ରେକ୍ଷୀରେ ତୁମୁଡ଼ିବନ୍ଧସ୍ଥିତ ନେତାଜୀ ସୁଭାଷ ବୋଷ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଜାତୀୟ ସେବା ଯୋଜନା ତରଫରୁ ୧୮ ତାରିଖରୁ ଚାଲିଥିବା ଚର୍ତୁଦିବସୀୟ ସ୍ୱାସ୍ଥ୍ୟ ଶିବିର ଶନିବାର ଶେଷ ହୋଇଛି । ଏହି ଶିବିରରେ ୮୦୦ରୁ ଊର୍ଦ୍ଧ ଛାତ୍ରଛାତ୍ରୀଙ୍କ ଚକ୍ଷୁ, ବ୍ଲଡ୍ ପ୍ରେସର ଓ ଅନ୍ୟାନ୍ୟ ପରୀକ୍ଷା ସ୍ଥାନୀୟ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୪ ତାରିଖରେ ଜାତୀୟ ସେବା ଯୋଜନା ଦିବସକୁ ଆଡ଼ମ୍ବରରେ ପାଳନ କରିବା ପାଇଁ ସ୍ଥିର ହୋଇଛି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଯୋଜନା ଅଧିକାରିଣୀ ଡ. ମଞ୍ଜୁଳା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାଲିଛି । ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ୫୦ ଜଣ ସ୍ୱେଚ୍ଛାସେବୀ ଭାଗ ନେଇଛନ୍ତି।



ଜଣେ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ମେଲୋଡି କାର୍ଯ୍ୟକ୍ରମ

ଶଙ୍କରାଖୋଲ,୨୨।୯ (ଡି.ଏନ୍.ଏ)

ଶଙ୍କରାଖୋଲ ନିକଟ ଗୁମାଗଡ଼ ପଞ୍ଚାୟତର ବାଡ଼ିସୁପା ଗ୍ରାମରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ମେଲୋଡି କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲବାଣୀ ବିଧାୟକ ପ୍ରତିନିଧି ନୀଳାମ୍ବର କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ୱାର୍ଡସଭ୍ୟ ଉମାଚରଣ ଦିଗାଳ, ସାମାଜିକ କର୍ମୀ ଆନନ୍ଦ କହଁର ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ମେଲୋଡି ସହ ଡ୍ୟାନ୍ସ ହୋଇଥିଲା। କାର୍ଯ୍ୟକ୍ରମକୁ ନେହେରୁ ଯୁବକ ସଂଘର ସଭାପତି ପ୍ରମୋଦ କୁମାର ଦିଗାଳ, ଉପସଭାପତି ବିକାଶ ଦିଗାଳ, ସମ୍ପାଦକ ବାପୁନା ଦଳଛତ୍ର, କୋଷାଧ୍ୟକ୍ଷ ମୁନା ଦଳଛତ୍ର ପରିଚାଳନା କରିଥିଲେ।

# ଜି.ଉଦୟଗିରିରେ ବିଶ୍ୱଶାନ୍ତି ଦିବସ ପାଳିତ

ଜି.ଉଦୟଗିରି,୨୨।୯(ଡି.ଏନ.ଏ.)

ଜି.ଉଦୟଗିରି ଟାଉନ ହଲଠାରେ ଶନିବାର ବିଶ୍ୱଶାନ୍ତି ଦିବସ ପାଳିତ ହୋଇଯାଇଛି । ସ୍ନେହ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଜି.ଉଦୟଗିରି ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବସନ୍ତ କୁମାର ପ୍ରଧାନ ଓ ରଟିଙ୍ଗିଆ ସରପଞ୍ଚ ନନ୍ଦିନୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅମରସିଂ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରଟିଙ୍ଗିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂଯୋଜକ ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ବିଶ୍ୱଶାନ୍ତି ଦିବସକୁ ନେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।



ଉପସ୍ଥିତ ଅତିଥିବୃନ୍ଦ।

## ଦୁଗ୍ଧ ଉତ୍ପାଦନ ଉତ୍ସବ ଉଦ୍‌ଘାଟିତ



ଉପସ୍ଥିତ ଅତିଥିବୃନ୍ଦ।

କୋଟଗଡ,୨୨।୯(ଡି.ଏନ.ଏ.)

ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ରବିବାର ଦୁଗ୍ଧ ଉତ୍ପାଦନ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଗୋପୂଜନ କରାଯାଇଥିଲା। କୋଟଗଡ ପ୍ରାଣୀ ସମ୍ପଦ ବିଭାଗରେ ଏକ ଦୁଗ୍ଧ ଶୀତଳୀକରଣ ଭଣ୍ଡାର ଓମ୍‌ଫେଡ କେନ୍ଦ୍ର କରାଯାଇ ଲୋକଙ୍କୁ ଶୁଦ୍ଧ କ୍ଷୀର ଉତ୍ପାଦନ କରି ବିକ୍ରି କରାଯାଇପାରିବ ବୋଲି କନ୍ଧମାଳ ଜିଲା ପ୍ରାଣୀ ସମ୍ପଦ ବିଭାଗୀୟ ଅଧିକାରୀ ଡ. ରଞ୍ଜନ ସାହୁ ଗୋପାଳନ କରୁଥିବା ଚାଷୀଙ୍କୁ ବୁଝାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବାଲୁଗୁଡ଼ା ପ୍ରାଣୀ ସମ୍ପଦ ବିଭାଗୀୟ ଅଧିକାରୀ ସୁଭଦ କୁମାର କର, ତୁମୁଡ଼ିବନ୍ଧ ପ୍ରାଣୀ ସମ୍ପଦ ବିଭାଗୀୟ ଅଧିକାରିଣି ଡ.ସସସ୍ମି ଆନିନ୍ଦିତା, କୋଟଗଡ଼ ପ୍ରାଣୀ ସମ୍ପଦ ବିଭାଗୀୟ ଅଧିକାରୀ ଡ.ରଞ୍ଜିତ ସାମନ୍ତ ସିଂହାର ପ୍ରମୁଖ ଉପସ୍ଥିତ ଥିଲେ। କୋଟଗଡ଼ ବ୍ଲକ ସମସ୍ତ ଗ୍ରାମର ମହିଳା ଓ ପୁରୁଷ ମଧ ଯୋଗ ଦେଇଥିଲେ।

### ଏମ୍‌ପି ପ୍ରତିନିଧି ଭାବେ ଉମାଚରଣ ମନୋନୀତ

ଶଙ୍କରାଖୋଲ,୨୨।୯ (ଡି.ଏନ୍.ଏ)

ଫୁଲବାଣୀ ନିର୍ବାଚନମଣ୍ଡଳୀର ଚକାପାଦ ବ୍ଲକ ପାଇଁ ଏମ୍‌ପି ପ୍ରତିନିଧି ରୂପେ ଚକାପାଦ ଗ୍ରାମ କ୍ଷେଟ୍‌ବ୍ୟାଙ୍କର ପୂର୍ବତନ ବ୍ୟାଙ୍କ ଶାଖା ପରିଚାଳକ ଉମାଚରଣ ମଲିକଙ୍କୁ କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ମନୋନୀତ କରିଛନ୍ତି। ଏମ୍‌ପିଙ୍କ ଅନୁପସ୍ଥିତିରେ ଚକାପାଦ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ସେ ପ୍ରତିନିଧିତ୍ୱ କରିବେ। ଏ ନେଇ ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକଙ୍କୁ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ଚିଠି ପଠାଯାଇଛି। ପରେ ମଲିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କନ୍ଧମାଳ ଏମ୍‌ପିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବ୍ଲକର ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ବିଧାୟକ ପ୍ରତିନିଧି ମନୋଜ ପ୍ରଧାନ, ବ୍ଲକ ସଭାପତି ରାଜେନ୍ଦ୍ର କୁମାର ଦିଗାଳ, ସରପଞ୍ଚ ଓ ସମିତି ସଭ୍ୟମାନେ ମଲିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର

ରାଇକିଆ/ଫିରିଙ୍ଗିଆ, ୨୨।୯(ଡ଼ି.ଏନ.ଏ)

ରାଇକିଆ ବ୍ଲକ ଦୁର୍ଗମ କରଡ଼ା ପଞ୍ଚାୟତରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କରଡ଼ା ସମେତ ବଡ଼ବାରବା, ଇନ୍ଦ୍ରଗଡ଼, ରଣବା ଅଞ୍ଚଳରୁ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଭୁବନେଶ୍ୱର କିମ୍‌ସରୁ ଆସିଥିବା ଡ଼ାକ୍ତର ମାନଙ୍କ ଦ୍ୱାରା ରୋଗୀମାନଙ୍କୁ ଚିକିତ୍ସା କରି ମାଗଣା ଔଷଧ ବଣ୍ଟନ କରାଯିବା ସହ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା। କର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ବ୍ଲକ ବିଜେଡି ସଭାପତି ରାଜମୋହନ ଦିଗାଲ, ସଂଖ୍ୟାଲଘୁ ସେଲ୍ ସଭାପତି ଜୟାନନ୍ଦ ନାୟକ, କରଡ଼ା ସରପଞ୍ଚ ଲତିକା ପ୍ରଧାନ, ସମିତି ସଭ୍ୟା ବବିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡାରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିଲେ । ମୋଟ ୨୦୦ ରୋଗୀଙ୍କ ନାମ ପଞ୍ଜୀକୃତ କରାଯାଇଥିଲା। ଡାକ୍ତରମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ସାରତୀ ମଲ୍ଲିକ, କମଳ ଲୋଚନ ଦେହୁରୀ ଓ ବିଦ୍ୟାଧର ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।



ଫିରିଙ୍ଗିଆ ଶିବିରରେ ଚିକିତ୍ସା ପାଇଁ ଲୋକଙ୍କ ଭିଡ।



ରାଇକିଆରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ଚାଲିଛି।

**ସଂକ୍ଷେପରେ**

## ନିଖୋଜ ଶିଶୁ ଉଦ୍ଧାର, ୩ ଅଟକ ୩୦ ହଜାରରେ ହୋଇଥିଲା ବିକ୍ରି

ବ୍ରହ୍ମପୁର,୨୨।୯-ବ୍ରହ୍ମପୁର ସହରରେ ଜଣେ ଶିଶୁକୁ ଅପହରଣ ପରେ ୩୦ ହଜାର ଟଙ୍କାରେ ବିକ୍ରି ହୋଇଥିବା ଚାଞ୍ଚଲ୍ୟକର ଘଟଣା ଦୃଷ୍ଟିକୁ ଆସିଛି। ଗୋଷାଇଁନୂଆଗାଁ ପୋଲିସ ପାଟପରୁ ଅଞ୍ଚଳରୁ ଅପହରଣ ହୋଇଥିବା ୨ ବର୍ଷର ଶିଶୁଟିକୁ ଉଦ୍ଧାର କରିଛି। ଏଥିସହ ୨ ଅପହରଣକାରୀ ଓ ଜଣେ କ୍ରେତାଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ୍ କହିଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ଗୁଡସ୍‌ସେଡ୍ ରୋଡ୍‌ରୁ ଗତ ୨୦ ତାରିଖରେ ୨ ବର୍ଷର ଶିଶୁ ନିଖୋଜ ହୋଇଥିଲା। ପରିବାର ଲୋକେ ଶିଶୁଟିକୁ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ବେଳେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟକୁ ଅଧାର କରି ପାଟପୁର ଅଞ୍ଚଳରୁ ଶିଶୁକୁ ରବିବାର ଉଦ୍ଧାର କରିଛି। ଅପହରଣକାରୀଙ୍କୁ ଜେରାବେଳେ ପୋଲିସ ଜାଣିବାକୁ ପାଇଛି ଯେ, ଶିଶୁଟିକୁ ଅପହରଣ ପରେ ପାଟପୁର ଅଞ୍ଚଳରେ ୩୦ ହଜାର ଟଙ୍କାରେ ବିକ୍ରି କରାଯାଇଥିଲା।

## ବ୍ଲକସ୍ତରୀୟ ଗାରିମା ଆକଳନ

ଗଞ୍ଜାମ,୨୨।୯(ଡି.ଏନ.ଏ.)-ଗାରିମା ପୁରସ୍କାର-୨୦୧୯ ଆକଳନ ପାଇଁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଖଲ୍ଲିକୋଟ ପକ୍ଷରୁ ଶନିବାର ଗଞ୍ଜାମ ବ୍ଲକ ସ୍ତରରେ ଆକଳନ କରାଯାଇଥିଲା। ଏଥିରେ ୫୨ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ମୂଲ୍ୟାୟନ ପରିଚାଳନା କରିବା ପାଇଁ ଜିଲା ପ୍ରଶିକ୍ଷଣ ପକ୍ଷରୁ ୧୩୦ ଜଣ ବିଦ୍ୟାର୍ଥୀଙ୍କୁ ନିୟୋଜିତ କରାଯାଇଥିଲା। ଏହି ଅବସରରେ ଏକ ସଭା ଆହୁତି ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ସ୍ୱପ୍ନାରାଣୀ ସାମନ୍ତରାଏ, ଲିପିଶ୍ରୀ ଦେବୀ, ରଶ୍ମିତା ପାଢ଼ୀ, ଜୟନ୍ତୀ ବେହେରା, ଭୁବନେଶ୍ୱରୀ ମିଶ୍ର, ପ୍ରଜ୍ଞା ପାରମିତା, କଲ୍ୟାଣୀ ଗୌଡ଼ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରଶିକ୍ଷକବୃନ୍ଦଙ୍କୁ ବିଦ୍ୟାଳୟ ପରିଦର୍ଶନ ଓ ତଦାରଖ ପାଇଁ ଦାୟିତ୍ୱ ବହନ କରାଯାଇଥିଲା। ଏହି ମୂଲ୍ୟାୟନ ସଫଳ ରୂପାୟନ ପାଇଁ ବିଭିନ୍ନ କ୍ଲଷ୍ଟରର ସିଆର୍‌ସିସି ଓ ସଂଗ୍ରାମ ବିଶ୍ୱାଳ, ବ୍ଲକ ପକ୍ଷରୁ ଲକ୍ଷ୍ମଣ ନାହାକ ସହଯୋଗ କରିଥିଲେ।

## ଗଞ୍ଜାମରେ ଅହିଂସା ରଥକୁ ସମ୍ବର୍ଦ୍ଧନା

ଗଞ୍ଜାମ,୨୨।୯(ଡି.ଏନ.ଏ.)-ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ଆୟୋଜିତ ଅହିଂସା ରଥ ରବିବାର ପୂର୍ବାହ୍ନରେ ଭାରତୀ ବିଦ୍ୟାପୀଠରେ ପହଞ୍ଚିବା ପରେ ସେଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ବ୍ଲକ ଅଧକ୍ଷ ଧନଞ୍ଜୟ ରେଡ୍ଡୀ, ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, ସନା ବେହେରା, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, ଯୁବ ସଂଗଠକ କୃଷ୍ଣ ପ୍ରଧାନଙ୍କ ସମେତ ମହିଳା ସ୍ୱୟଂ ସହାୟିକା, ଭାରତୀ ବିଦ୍ୟାପୀଠ ବ୍ଲକ ହରି ବାରିକି ଓ ଛାତ୍ରମାନେ ଉପସ୍ଥିତ ଥିଲେ। ପରେ ଉକ୍ତ ଅହିଂସା ରଥ ହୁମ୍ମା ସଲଟ୍ ପଡ଼ିଆ, ସୁବଳୟା ଓ ରମ୍ଭା ଠାରେ ପହଞ୍ଚିବା ପରେ ସେଠାରେ ବିଜେଡି ନେତା ଓ କର୍ମୀ ମଧ ସମ୍ବର୍ଦ୍ଧନା ଜଣାଇଥିଲେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରସ୍ତାବିତ ଭାରତ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ଯୋଡ଼ିବା ପାଇଁ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ମୋ ନିବେଦନ କାର୍ଯ୍ୟକ୍ରମ

ଛତ୍ରପୁର,୨୨।୯(ଡି.ଏନ.ଏ)ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଟାଙ୍ଗଣାପଲ୍ଲୀ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗଣାପଲୀ, ଲକ୍ଷ୍ମୀପୁର, ସୁନ୍ଦରପୁର, ନରେନ୍ଦ୍ରପୁର ପଞ୍ଚାୟତର ଲୋକେ ଏଥିରେ ଯୋଗଦେଇ ବିଭିନ୍ନ ଅସୁବିଧା ଓ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇଙ୍କ ସମତେ ବିଭିନ୍ନ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ଯୋଜନାରେ ସାମିଲ କରିବାକୁ ୨୫୦ ଜଣ ଫର୍ମ ଦାଖଲ କରିଥିଲେ। ଏହା ଉପରେ ତଦନ୍ତ କରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ପଞ୍ଚାୟତ ଜନପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ସମସ୍ୟା ଘେରରେ ଧାଡ଼ିଆମ୍ବ ପ୍ରାଥମିକ ବିଦ୍ୟାଳୟ

# ଖବର ପ୍ରକାଶ ପରେ କାର୍ଯ୍ୟାନୁଷ୍ଠାନ ଶୂନ

**ସାନ୍ତ୍ୱନା ଦେଉଛି କେବଳ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି**

ଚନ୍ଦ୍ରଗିରି,୨୨।୯(ଡି.ଏନ.ଏ.)

ସରକାର ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟର ଭିତ୍ତିଭୂମି ସଜାଡିବା ସହ ଛାତ୍ରୀଛାତ୍ରଙ୍କ ନିମନ୍ତେ ମଧାହ୍ନଭୋଜନ ଠାରୁ ଆରମ୍ଭ କରି ବହି, ଡ୍ରେସ, ଜୋତା ଓ ସାଇକେଲ ବଣ୍ଟନ ଆଦି କେତେକଣ ଯୋଜନା କରୁଛନ୍ତି। କିନ୍ତୁ ଆଜି ବି ଏମିତି ଅନେକ ବିଦ୍ୟାଳୟ ରହିଛି ଯେଉଁଠି ମୌଳିକ ସୁବିଧା ନାହିଁ। ଏଭଳି ଏକ ବିଦ୍ୟାଳୟ ହେଉଛି ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଧାଡିଆମ୍ବ ସରକାରୀ ପ୍ରାଥମିକ ବିଦ୍ୟାଳୟ। ଧାଡିଆମ୍ବ ଗାଁରେ ରହିଛି ଏହି ୧୪୧ ବର୍ଷର ପୁରାତନ ବିଦ୍ୟାଳୟ। ବିଦ୍ୟାଳୟଟି ୧୮୭୭ରେ ସ୍ଥାପିତ ହୋଇଥିବାବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଥିଲେ। ଏବେ ଏହି ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଯୋଗୁ ଛାତ୍ରୀଛାତ୍ର ଓ ଅଭିଭାବକ ମୁହଁ ଫେରାଇ ନେଉଛନ୍ତି। ନିକଟସ୍ଥ ଯୋଡାଆମ୍ବ, ଚନ୍ଦ୍ରଗିରି, ଚାନ୍ଦିପୁଟ ଗ୍ରାମରେଥିବା ସରକାରୀ, ବେସରକାରୀ ବିଦ୍ୟାଳୟକୁ ନେଇ ପିଲାମାନଙ୍କୁ ପଠାଇବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ଏଠାରେ ପ୍ରଧାନ ଶିକ୍ଷକ ଭାବେ ସୀମାଞ୍ଚଳ ବାଘସିଙ୍ଗ ଓ ଜଣେ ସହକାରୀ ଶିକ୍ଷକ ଏନ.ସାଇରାଜୁ ପଢାଉଥିବାବେଳେ ମାତ୍ର ୨୮ ଜଣ ଛାତ୍ରୀଛାତ୍ର ଅଛନ୍ତି। ଏଭଳି ସ୍ଥିତିରେ ଉକ୍ତ



ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପଢୁଛନ୍ତି ।

ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ଗୋଟିଏ ପରିତ୍ୟକ୍ତ କୋଠରିରେ ବିପଦପୂର୍ଣ୍ଣ ଭାବେ ସଭିଏଁ ମିଳିମିଶି ପଢୁଛନ୍ତି। କେଉଠିଁ ଛାତରୁ ପଲସ୍ତରା ଖସି ଲୁହାରଡ ଦିଶୁଛି ତ ଚଟାଣରୁ ମେଜିଆ ଉଠି ଖାଲ ହୋଇଗଲାଣି। ଝରକାରେ କବାଟ ନାହିଁ। ବର୍ଷା ହେଲେ ଶ୍ରେଣୀଗୃହରେ ପାଣି ପଶୁଛି। ବିଦ୍ୟାଳୟ ଚାରିପଟେ ସମ୍ପୂର୍ଣ୍ଣ ପାଚେରି ନଥିବାହେତୁ ସମସ୍ତଙ୍କ ଅବାଧ ପ୍ରବେଶ ହେଉଛି। ବିଦ୍ୟାଳୟ ପରିସରରେ ଦୁଇଟି ଜରାଜୀର୍ଣ୍ଣ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗୋଟିଏ କୋଠା କେତେବେଳେ ଭୁଶୁଡିବ କହିବା ମୁସ୍କିଲ। ଅନ୍ୟ ଗୋଟିଏ କୋଠା ଅସମ୍ପୂର୍ଣ୍ଣ ହେତୁ ତାହାକୁ ଲୋକେ ଗୁହାଳ ରୂପେ ବ୍ୟବହାର କରୁଛନ୍ତି। ପିଲାମାନେ ପରିତ୍ୟକ୍ତ ଘରେ ଭୟର ବାତାବରଣରେ ପାଠ ପଢୁଛନ୍ତି।

ବ୍ରିଟିଶ ଅମଳର ଏହି ବିଦ୍ୟାଳୟ ପ୍ରତି ସରକାର ଦୃଷ୍ଟି ଦେବା ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବାକୁ ସ୍ଥାନୀୟ ସମିତିସଭ୍ୟ ରମାରମଣ କାର୍ଯ୍ୟୀ, ନିରଞ୍ଜନ ରଣାହାଣ୍ଡୁଳ, ନାଥ କାର୍ଯ୍ୟୀ, ସନ୍ତୋଷ ଦଳାଇ, ଚିତ୍ରସେନ ସାହୁ, ନିତିଆ ଦଳାଇ, ଗୁଲୁ କାର୍ଯ୍ୟୀ, ତାରିଣୀ ଦଳାଇ ପ୍ରମୁଖ ଗଣମାଧମ ଜରିଆରେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

ପ୍ରାୟ ସାତମାସ ହେବ ସେଠାରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତ ପାଇଥିବା ଏନ. ସାଇରାଜୁ କହିଛନ୍ତି, ଏଠାରେ ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବାରୁ ଗୋଟିଏ ଗୃହରେ ପାଠ ପଢ଼ାଯାଉଛି। କିନ୍ତୁ ଆବଶ୍ୟକ ଭିତ୍ତିଭୂମି ନଥିବା ହେତୁ ବହୁ ସମସ୍ୟା ହେଉଛି। ଏମିତି କି ବିଦ୍ୟାଳୟର କାଗଜପତ୍ର ରଖିବା ପାଇଁ ଜାଗା ନାହିଁ। ବର୍ଷା ହେଲେ ପାଣି ଗଳୁଛି, ଆଲମିରା ମଧ ଭାଙ୍ଗି ଗଲାଣି। ବର୍ତ୍ତମାନ ପ୍ରଧାନ ଶିକ୍ଷକ ଇଏଲ୍‌ରେ ୩୦ ସେପ୍ଟେମ୍ବର ୧୯ ପର୍ଯ୍ୟନ୍ତ ଛୁଟିରେ ଅଛନ୍ତି। ଏଭଳି ବିଭିନ୍ନ ସମସ୍ୟାକୁ ବିଦ୍ୟାଳୟ ପରିଦର୍ଶନରେ ଆସୁଥିବା ସିଆରସି, ବିଇଓ, ଡିଇଓ ମଧ ଦେଖିଛନ୍ତି। ଏନେଇ ମୋହନା ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା କହିଛନ୍ତି ଯେ, ବହୁ ପୁରାତନ ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହ, ପାଚେରୀ ସମସ୍ୟା ପଞ୍ଚାୟତ ବୁଝିବେ ଏବଂ ଶିକ୍ଷକ ଅଭାବ ନେଇ ଖୁବ୍‌ଶୀଘ୍ର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସେଠାରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ଏ ନେଇ ଗଣମାଧମରେ ପୂର୍ବରୁ ଖବର ପ୍ରସାରଣ ହୋଇଥିଲା। ବିଭାଗୀୟ ଅଧିକାରୀ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ମଦେଇଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ। ସ୍ୱାଧୀନତାର ମୂକସାକ୍ଷୀ ୧୪୧ ବର୍ଷର ଏହି ବିଦ୍ୟାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସରକାର ଯଦି ଦୃଷ୍ଟି ନ ଦିଅନ୍ତି ତେବେ ଏକ ଐତିହ୍ୟ ବିଦ୍ୟାଳୟ ମାଟିରେ ମିଶିବ ଏଥିରେ ସନ୍ଦେହ ନାହିଁ।

## କ୍ରୀଡ଼ା, ସଂସ୍କୃତି ପରିଷଦ ବୈଠକ

ବୁଗୁଡ଼ା,୨୨।୯(ଡି.ଏନ.ଏ.)

ବୁଗୁଡ଼ା ପିପୁଲସ୍ ହାଇସ୍କୁଲରେ ରବିବାର ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସଂସ୍କୃତି ପରିଷଦ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସୁବାସ ଚନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ବୁଗୁଡ଼ା ଅଞ୍ଚଳରେ କ୍ରୀଡ଼ା ଓ ସଂସ୍କୃତିର ପ୍ରସାର ପ୍ରଚାର ପାଇଁ ବିଭିନ୍ନ ଆଲୋଚନା ହୋଇଥିଲା। ଗତ ପ୍ରାୟ ୨ ବର୍ଷ ହେଲା ପରିଷଦ କାର୍ଯ୍ୟକଳାପ ପ୍ରତି ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରି ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ବୈଠକରେ ମତ ପ୍ରକାଶ କରିଥିଲେ। ବୈଠକ ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ପରିଷଦର ନୂତନ କର୍ମକର୍ତ୍ତା ବିଧିବଦ୍ଧ ଭାବେ ନିର୍ବାଚିତ ହୋଇଥିଲେ। ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସଂସ୍କୃତି ପରିଷଦ କର୍ମକର୍ତ୍ତା ନିର୍ବାଚନରେ ସଭାପତି ଭାବେ ଡ. ସୁବାସ ଚନ୍ଦ୍ର ପରିଡ଼ା, ଉପସଭାପତି ଭାବେ ଉପାଧକ୍ଷ ଅକ୍ଷୟ କୁମାର ସାହୁ, ସମ୍ପାଦକ ଅନିଲ ପଟ୍ଟନାୟକ, କୋଷାଧକ୍ଷ ଲକ୍ଷ୍ମୀ ନାରାୟଣ ଦାଶ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଏଥିସହ ଉପଦେଷ୍ଟା ଭାବେ କାଳୀଚରଣ ଦାଶ ଓ ନାରାୟଣ ପାତ୍ରଙ୍କୁ ମଧ ମନୋନୀତ କରାଯାଇଥିଲା। ପରିଷଦକୁ ୨୧ କାର୍ଯ୍ୟକାରୀ ସଭ୍ୟଙ୍କୁ ମଧ ମନୋନୀତ କରାଯାଇଥିଲା। ଏହି ଅବସରରେ ବୁଗୁଡ଼ାର ଏମ୍. ଶ୍ରୀନିବାସ ଦୋରା ଗତ ଫେବୃୟାରୀରେ ମହାରାଷ୍ଟ୍ରର ଗୋଆରେ ଆୟୋଜିତ ଜାତୀୟ କବାଡ଼ି ପ୍ରତିଯୋଗିତାରେ ଓଡ଼ିଶାରୁ ଖେଳିଥିବା ଯୋଗୁ ତାଙ୍କୁ ପରିଷଦ ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ କୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ଦୋରା, ବିଶ୍ୱେଶ୍ୱର ଗିରି, ଅମିୟ ରାଜନ ଭୂୟାଁ, କିଶୋର ଚନ୍ଦ୍ର ପଣ୍ଡା, ଭଗବାନ ସ୍ୱାଇଁ ଓ ସୀମାଞ୍ଚଳ ସେଠୀଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଯୋଗ ଦେଇଥିଲେ ।

## ଦାସକାଠିଆ ମାଧମରେ ସଚେତନତା

ଭଞ୍ଜନଗର,୨୨।୯(ଡି.ଏନ.ଏ.)

ଦାସକାଠୀ ନୃତ୍ୟ ମାଧମରେ ଶନିବାର ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଜଗାବଳିଆ ଦାସକାଠିଆର ଗାୟକ ସୁବାସ ଚନ୍ଦ୍ର ବେହେରା ଓ ପାଳିଆ ଜଗନ୍ନାଥ ନାୟକଙ୍କ ଦ୍ୱାରା ସଡ଼କ ସୁରକ୍ଷା, ପରିବେଶ ସଚେତନତା, ଶିକ୍ଷା ଅଧିକାର ଆଇନ ପ୍ରମୁଖ ବିଷୟରେ ଉପସ୍ଥିତ ଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଭଞ୍ଜନଗର ଆର୍‌ଟିଓ ଶୁଭେନ୍ଦୁ ରୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ବାଳିକା ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ଅତିଥି।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା, ଏବିଇଓ ଭାସ୍କର ଲେଙ୍କା, ହୃଷିକେଶ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ। ଶିକ୍ଷକ ସୁନିଲ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ।

## ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୨୨।୯

କବିସୂର୍ଯ୍ୟନଗର ଚନ୍ଦ୍ରଶେଖର ହାଇସ୍କୁଲରେ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ଉଦ୍‌ଯାପିତ ହୋଇଯାଇଛି। ବିଇଓ ନିରଞ୍ଜନ ମିଶ୍ର ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ଏବିଇଓ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ୧୦୨ ସ୍କୁଲର ୧୧ କ୍ଲଷ୍ଟରରୁ ୪୮ ପ୍ରକଳ୍ପ ମଧରୁ ୬ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଛି। ବିଇଓଙ୍କ ନେତୃତ୍ୱରେ ଏକ ପରିଦର୍ଶନ ଦଳ ଶ୍ରେଷ୍ଠ ପ୍ରଦର୍ଶନୀଗୁଡ଼ିକୁ ଚୟନ କରି ପୁରସ୍କୃତ କରିଥିଲା। ଗଣିତରେ ବଣପଲ୍ଲୀ, ଭୂଗୋଳରେ ଏମ୍. ଚମ୍ପେୟତପୁର, ବିଜ୍ଞାନରେ ଗୁଡ଼ିଆଲି, ଇତିହାସରେ ଏମ୍. ତେନ୍ତୁଳିଆ, ସାହିତ୍ୟରେ ଓସିଙ୍ଗି ପ୍ରାଥମିକ ବିଦ୍ୟାଳୟ, ଇଂଲିଶରେ ବୋରିସିଂ ପ୍ରାଥମିକ ବିଦ୍ୟାଳୟକୁ ଚୟନ କରି ଜିଲାସ୍ତରକୁ ମନୋନୀତ କରାଯାଇଛି। ମେଳାରେ କୈଳାସ ବେହେରା, ପ୍ରଧାନ ଶିକ୍ଷକ ୟୁ. ରାମଚନ୍ଦ୍ର ଦୋରା ଓ ମିହିର କୁମାର ଶତପଥୀଙ୍କ ସମେତ ସମସ୍ତ ସିଆର୍‌ସିସି ଯୋଗ ଦେଇଥିଲେ ।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ।

ବୁଗୁଡ଼ା,୨୨।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ତାକରଡ଼ା ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କ ମଧରେ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ସିଆରସିସି ଆଶୁତୋଷ ମିଶ୍ର ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ଜୁନିୟର ବିଭାଗ ବକ୍ତୃତା ପ୍ରତିଯୋଗିତାରେ ଯଶୋମତୀ ପାତ୍ର, କୁଇଜ୍ ପ୍ରତିଯୋଗିତାରେ ସୌମ୍ୟଜିତ୍ ଦାଶ ଓ ଚିତ୍ର ପ୍ରତିଯୋଗିତାରେ ଶୁଭମ୍ ପ୍ରଧାନ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ବିଭାଗର ବକ୍ତୃତା ପ୍ରତିଯୋଗିତାରେ ସୁଶ୍ରୀ ସିମରନ୍ ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁଇଜ୍ ପ୍ରତିଯୋଗିତାରେ ସୁନିତା ନାୟକ ଓ ଚିତ୍ର ପ୍ରତିଯୋଗିତାରେ ଲକ୍ଷ୍ମଣ ନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଭାଜପା ପକ୍ଷରୁ ସେବା ସପ୍ତାହ

କବିସୂର୍ଯ୍ୟନଗର,୨୨।୯

କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହ ତଥା ସେବା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ପୋଲାଇ ତତ୍ତ୍ୱାବଧାନ କରିଥିଲେ। ଭାଜପା କର୍ମକର୍ତ୍ତାମାନେ ରୋଗୀଙ୍କୁ ଫଳ ବଣ୍ଟନ ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କରିଥିଲେ । ସ୍ୱାସ୍ଥ୍ୟ ଅଧିକାରୀ ଡା, ସୁଶାନ୍ତ କୁମାର ସାକ୍ଷାତରେ ଉତ୍ତମ ସେବା ପାଇଁ ଆବଶ୍ୟକ ଡାକ୍ତର, କର୍ମଚାରୀଙ୍କୁ ନିଯୁକ୍ତି ପାଇଁ ଅନୁରୋଧ କରିଥିଲେ । ସ୍ଥାନୀୟ ନିର୍ବାଚନମଣ୍ଡଳୀର ସେବା ସପ୍ତାହ ସଂଯୋଜକ ନିରଞ୍ଜନ ସ୍ୱାଇଁ ଓ ପ୍ରଭାରୀ ପ୍ରହଲ୍ଲାଦ ସାହୁ, ବରିଷ୍ଠ ନେତା ରାମ ପ୍ରସାଦ ମହାରଣା, ମଣ୍ଡଳ ସଭାପତି ଅଶୋକ ପ୍ରଧାନ, କଂଗ୍ରେସ ପ୍ରଧାନ, ଗୁରୁନାଥ ଗୌଡ଼, ରବୀନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ବେଳାଭୂମି ସଫେଇ ଦିବସ



ଖାଇବା ଥାଳି ସହ ସ୍କୁଲ ଛାତ୍ରୀଛାତ୍ର।

ଗଞ୍ଜାମ,୨୨।୯(ଡି.ଏନ.ଏ.)

**ଛାତ୍ରୀଛାତ୍ରଙ୍କୁ ଥାଳି ବାଣ୍ଟିଲେ ପୂର୍ବତନ ଏମ୍‌ପି ପ୍ରତିନିଧି**

ଗଞ୍ଜାମ ସହର ତଥା ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପୁଇଁତୋଳା ଏମ୍‌ଇ ସ୍କୁଲକୁ ବିଶ୍ୱ ବେଳାଭୂମି ସଫେଇ ଦିବସ ଅବସରରେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ ଖାଇବା ଥାଳି ପ୍ରଦାନ କରିଛନ୍ତି। ଏହି ସ୍କୁଲଟି ବ୍ଲକଗ୍ରାଣ୍ଟ ହୋଇଥିବାରୁ ସରକାରଙ୍କ କୌଣସି ଅନୁଦାନ ମିଳୁନାହିଁ। ଉଭୟ ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସୁଧୀର ୫୦ ଥାଳି ପ୍ରଦାନ କରିଥିଲେ। ଏଥିସହ ପିଲାଙ୍କୁ ପରିଚୟ ପତ୍ର ମଧ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସ୍କୁଲ ପିଲାଙ୍କୁ ନେଇ ସ୍ୱଚ୍ଛ ପରିବେଶ ଉପରେ ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଉମାକାନ୍ତ ବେହେରା, ଦିଗ୍‌ବିଜୟ ୟୁଥ୍ କ୍ଲବ ସଭାପତି ବିଜୟଲକ୍ଷ୍ମୀ ମହାକୁଡ଼, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ଦଳାଇ ପ୍ରମୁଖ ଯେଗାଦେଇଥିଲେ। ମହିଳା ସ୍ୱେଚ୍ଛାସେବୀ ଆଗାମୀ ଦିନରେ ପିଲାଙ୍କୁ ଖେଳ ସାମଗ୍ରୀ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ସ୍କୁଲଟି ବ୍ଲକଗ୍ରାଣ୍ଟ ହୋଇଥିବା ଯୋଗୁ ବିଦ୍ୟାର୍ଥୀଙ୍କୁ ପୋଷାକ କିମ୍ବା ଜୋତା, ସ୍କୁଲବ୍ୟାଗ ମିଳୁନାହିଁ ।

## ବିଭିନ୍ନ ବ୍ଲକରେ ଶିକ୍ଷଣ ସାମଗ୍ରୀ ମେଳା

ଶେରଗଡ,୨୨।୯(ଡି.ଏନ.ଏ.)

ଶେରଗଡ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ତାକରଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ ଏହାର ଶୁଭାରମ୍ଭ କରିଥିଲେ। ବିଇଓ ଭାସ୍କର ଲେଙ୍କାଙ୍କ ସଂଯୋଜନାରେ ୧୪ଟି କ୍ଲଷ୍ଟର ଓ ୧୩୩ଟି ବିଦ୍ୟାଳୟ ମଧରୁ ମୋଟ ୭୩ ଶିକ୍ଷଣ ସାମଗ୍ରୀ ମେଳାରେ ପ୍ରଦର୍ଶିତ ହୋଇଥିଲା। ୨୦ଟି ଶିକ୍ଷଣ ସାମଗ୍ରୀକୁ ଜିଲାସ୍ତରୀୟ ମେଳାକୁ ମନୋନିତ କରାଯାଇଛି।

**ଆସିକା–** ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମେଳାକୁ ବିଡିଓ ଗାୟତ୍ରୀଦତ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କୃତିବାସ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର, ସଦର ସିଆର୍‌ସିସି ସରୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ୧୩ କ୍ଲଷ୍ଟରର ୩୯ଟି ବିଦ୍ୟାଳୟର ୬୫ ପ୍ରକଳ୍ପ ସ୍ଥାନ ପାଇଥିଲା।

**ହିଞ୍ଜିଳିକାଟୁ–** ହିଞ୍ଜିଳିକାଟୁ ଥାନା ତୋଟାସାହି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ମେଳାକୁ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ବ୍ଲକର ୧୦ଟି କ୍ଲଷ୍ଟରର ୫୦ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଅନ୍ୟ ମାନଙ୍କ ମଧରେ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱନାଥ ମହାରଣା, କେ. ନିମାଇଁଚାନ୍ଦ ମହାପାତ୍ର ଉପସ୍ଥିତ ଥିଲେ। ୩ଟି ପ୍ରକଳ୍ପ ଜିଲା ସ୍ତରକୁ ଚୟନ କରାଯାଇଛି। ସିଆରସିସି ପ୍ରମୋଦ କୁମାର ସାହୁ, ରଘୁନାଥ ସାହୁ, ଅରୁଣ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପାତ୍ରପୁର–** ପାତ୍ରପୁର ବ୍ଲକ କରୁଣାକର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିକ୍ଷଣ ସାମଗ୍ରୀ ମେଳାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶୁ ସେଠୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଡ଼ିଓ ପ୍ରକାଶ ଚନ୍ଦ୍ର ଦାସ, ମୁଖ୍ୟ ବକ୍ତାଭାବେ ବାଦପୁର ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ସାହୁ, ସମ୍ମାନୀତ ଅତିଥି ଭାବେ ବିଆରସିସି ଶୁଳୀଳ କୁମାର ପାତ୍ର, ଏବିଇଓ ପ୍ରଫୁଲ୍ଲ ଚନ୍ଦ୍ର ଚୌଧୁରୀ, ସୀମାଞ୍ଚଳ ପାଇକ, ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୨୬୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିଭଳି ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ଶତବାର୍ଷିକି ଅବସରରେ କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କ୍ରୀଡା ଶିକ୍ଷକ କେଦାରନାଥ ଅଧିକାରୀ, କେ. ମିଥୁନ ସୁବୁଦ୍ଧିଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ଧରାକୋଟ ଠାରେ ଅନୁଷ୍ଠିତ ଶିକ୍ଷଣ ସାମଗ୍ରୀ ମେଳା।

**ଧରାକୋଟ–** ସ୍ଥାନୀୟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମେଳାକୁ ବିଡିଓ ଅଜୟ କୁମାର ପ୍ରଧାନ, ବିଇଓ ରବୀନ୍ଦ୍ର କୁମାର ପଣ୍ଡା, ପୂର୍ବତନ ବିଇଓ ଯୁଧିଷ୍ଠିର ଦଳାଇ ପ୍ରମୁଖ ଶୁଭାରମ୍ଭ କରିଥିଲେ। ବ୍ଲକ ସ୍ତରର ୭୦ ବିଜ୍ଞାନ ଭିତ୍ତିକ ସାମଗ୍ରୀ ପ୍ରଦର୍ଶିତ ହୋଇଥିବାବେଳେ ଏବିଇଓ ସୌରୀ ଶଙ୍କର ବେହେରା, ପ୍ରଦୀପ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବଳ ଶିକ୍ଷକ ଭାସ୍କର ବାଡ଼ତ୍ୟାଙ୍କ ସମେତ ସମସ୍ତ ସମ୍ବଳ ଶିକ୍ଷକ ଓ ବ୍ଲକ ସ୍ତରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ସୋମବାର, ସେପ୍ଟେମ୍ବର ୨୩/୨୦୧୯ | Berhampur, Monday, September 23/ 2019







■ ସମସ୍ୟାରେ ବୁଡ଼ି ରହିଛି ଛତ୍ରପୁର ସହର

# ସମାଧାନ ନ ହେଲେ ଜନ ଆନ୍ଦୋଳନ

**ଛତ୍ରପୁର,୨୨।୯(ଡି.ଏନ.ଏ.)** ଗଞ୍ଜାମ ଜିଲା ହେଡକ୍ୱାର୍ଟରେ ଛତ୍ରପୁର ସହର ହୋଇ ମଧ ଦୀର୍ଘ ବର୍ଷ ହେଲା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଜିଲାପାଳଙ୍କଠାରୁ ଆରମ୍ଭ କରି ଏସ୍‌ପି, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ସମସ୍ୟା ସମାଧାନ ହେଉନି। ଛତ୍ରପୁର ୟୁଥ୍ ମାସ ସେବା ସଂଘ ପକ୍ଷରୁ ଏହି ସବୁ ପ୍ରସଙ୍ଗକୁ ରବିବାର ଏକ ଖବରଦାତା ସମ୍ମିଳନୀରେ ଉଠାଯାଇଛି। ସମସ୍ୟା ସମାଧାନ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଛତ୍ରପୁର ହେଡକ୍ୱାର୍ଟର ହୋଇ ମଧ ହେଡ୍‌କ୍ୱାର୍ଟର ହସ୍ପିଟାଲ ବ୍ରହ୍ମପୁରରେ ରହିଛି। ଅପରପକ୍ଷରେ ଛତ୍ରପୁର ହସ୍ପିଟାଲ ଉପରେ ଖୋର୍ଦ୍ଧା ଓ ପୁରୀ ଜିଲା ଏବଂ ଛତ୍ରପୁର ଓ ଗଞ୍ଜାମ ବ୍ଲକର ଲୋକେ ଚିକିତ୍ସା ସେବା ପାଇଁ ନିର୍ଭର କରୁଛନ୍ତି। ନିକଟରେ ଜାତୀୟ ରାଜପଥ ଓ ରେଳ ଲାଇନ୍ ଯାଇଥିବାରୁ ବିଭିନ୍ନ ଦୁର୍ଘଟଣାରେ ଆହତମାନେ ଉକ୍ତ ହସ୍ପିଟାଲକୁ ଆସିଥାନ୍ତି। ମାତ୍ର ଏଠାରେ ଡାକ୍ତରଙ୍କ ଠାରୁ ଆରମ୍ଭ କରି ନର୍ସ ଓ ଷ୍ଟାଫ୍ ଅଭାବ ରହିଛି। ଏଥିପାଇଁ ଏଠାକୁ ଆସୁଥିବା ରୋଗୀମାନଙ୍କର ସାମାନ୍ୟ ଚିକିତ୍ସା କରି ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ସେବା ସଂଘ ସମ୍ପାଦକ ସୟଦ ମୁକ୍ତାର କହିଛନ୍ତି। ଏପରିକି ଏଠାକାର ଡାକ୍ତର ଛତ୍ରପୁରରେ ନ ରହି ବ୍ରହ୍ମପୁରରେ ରହୁଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟିର ମାନ୍ୟତା, କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା, ଛତ୍ରପୁର ନିକଟ ଜାତୀୟ ରାଜପଥରେ ତିନୋଟି ଅଣ୍ଡର ପାସ୍ ନିର୍ମାଣ ସହ ଟ୍ରାଫିକ୍ ବ୍ୟବସ୍ଥା କରିବା, ଅଚଳ ଷ୍ଟ୍ରିଟ୍ ଲାଇଟ୍‌କୁ କାର୍ଯ୍ୟକ୍ଷମ କରିବା, ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା, ଦ୍ରୁତ ଗତିରେ ଗାଡି ଚଳାଉଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ମେନ୍‌ରୋଡ୍‌ରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଡ୍ରେନ୍ ନିର୍ମାଣ ନ କରିବାରୁ ପାଣି ଜମୁଛି। ଏହାର ନିରାକରଣ କରିବା, କୋର୍ଟ ଷ୍ଟେଶନ ଶୌଚାଳୟ କାର୍ଯ୍ୟକ୍ଷମ, ପାନୀୟ ଜଳ ବ୍ୟବସ୍ଥା ଏବଂ ଥାନା ସମ୍ମୁଖରେ ଥିବା ଉଦ୍ୟାନର ରକ୍ଷଣାବେକ୍ଷଣ କରିବାକୁ ଦାବି ହୋଇଛି। ସଂଘ ପରାମର୍ଶଦାତା ତଥା ଓକିଲ ଚୈତନ୍ୟ ପ୍ରଧାନ ଛତ୍ରପୁର ବସ୍‌ଷ୍ଟାଣ୍ଡରେ ଦୂରଗାମୀ ବସ୍ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର ଅନ୍ୟତମ ପରାମର୍ଶଦାତା ତଥା ଓକିଲ ବି ଶ୍ରୀନିବାସ କହିଥିଲେ, ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ହେଁ ସମସ୍ୟା ସୁଧୁରୁନି। ଏଣିକି ଜନଆନ୍ଦୋଳନ ବ୍ୟତୀତ କୌଣସି ବିକଳ୍ପ ନାହିଁ। ପ୍ରଶାସନ ସଜାଗ ହୋଇ ସମସ୍ୟା ସମାଧାନ କରିବାକୁ ସେ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ସଂଘ ଉପାଧ୍ୟକ୍ଷ କେ. ରମେଶ ରାଓ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ବେହେରା, ଟ୍ରଷ୍ଟି ଏମ୍.ରାଜେଶ କୁମାର, ଆୟୁବ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ଯାତ୍ରୀଙ୍କୁ ସଚେତନ କଲା ଆର୍‌ପିଏଫ୍

**ଛତ୍ରପୁର,୨୨।୯(ଡି.ଏନ.ଏ.)** ଛତ୍ରପୁର ଆରପିଏଫ୍ ଆଉଟପୋଷ୍ଟ ପକ୍ଷରୁ ଟ୍ରେନ୍ ଯାତ୍ରୀମାନଙ୍କୁ ରବିବାର ସୁରକ୍ଷା ସମ୍ବନ୍ଧୀୟ ସଚେତନ କରାଯାଇଛି। ଛତ୍ରପୁର ଷ୍ଟେଶନ ଓ ସେଠାକୁ ଆସୁଥିବା ଟ୍ରେନ୍ ଯାତ୍ରୀମାନଙ୍କୁ ୧୮୨ ସୁରକ୍ଷା ହେଲ୍‌ପ ଲାଇନ୍‌ସମ୍ପର୍କରେ ଅବଗତ କରାଯାଇଥିଲା। କୌଣସି ଅଘଟଣ ଆଶଙ୍କା କିମ୍ବା ସୁରକ୍ଷା ପାଇଁ ଉକ୍ତ ନମ୍ବରକୁ ଫୋନ୍ କରିବାକୁ କୁହାଯାଇଛି। କଲ୍‌ପାଇ ଆରପିଏଫ୍‌ଯାତ୍ରୀଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇଦେବ। ଏଥିସହ ମହିଳା ଯାତ୍ରୀମାନଙ୍କ ସୁରକ୍ଷା ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା କୁହାଯାଇଥିଲା। ବିଭିନ୍ନ ସମୟରେ ଟ୍ରେନ୍ ଉପରକୁ ପିଲାମାନେ ପଥର ଫିଙ୍ଗିଥାନ୍ତି। ଫଳରେ ଯାତ୍ରୀମାନେ ଆହତ ହୋଇଥାନ୍ତି। ଏପରି ନ କରିବାକୁ ମଧ ଆରପିଏଫ୍ ପକ୍ଷରୁ ସଚେତନ କରାଯାଇଥିଲା। ଆବଶ୍ୟକ ନ ହେଲେ ଚେନ୍ ପୁଲିଂ ନ କରିବାକୁ ପରାମର୍ଶ ଦିଆଯାଇଥିଲା।

## ସାନ ଆର୍ଯ୍ୟପଲ୍ଲୀରେ ସ୍ୱାସ୍ଥ୍ୟ ଶିବିର

**ଛତ୍ରପୁର,୨୨।୯(ଡି.ଏନ.ଏ.)** ଛତ୍ରପୁର ଉପକଣ୍ଠରେ ଥିବା ଆଇଆରଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟ ପକ୍ଷରୁ ସାନ ଆର୍ଯ୍ୟପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳୀରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଆଇଆରଇର ସିଜିଏମ୍ ଏ.ଜେ. ଜନାର୍ଦ୍ଦନନ୍, ଡିଜିଏମ୍ (ସମ୍ବଳ) ଜି.କେ. ନାୟକ, ସରପଞ୍ଚ ଏମ୍.ଲକ୍ଷ୍ମୀ, ଏମ୍.ଗୁମାଲୀ, ଏମ୍. ସୀମାଦ୍ରି ଏମ୍.ଭେଙ୍କଟି ପ୍ରମୁଖ ଯୋଗଦେଇଥିଲେ। ୨୫୦ ଜଣଙ୍କୁ ଚିକିତ୍ସା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ଚିଫ୍ ମ୍ୟାନେଜର ଏସ୍.ଏସ୍. ମଲ୍ଲିକ, ସୁରେଶ ଚନ୍ଦ୍ର ପାତ୍ର, ଡ. ଅର୍ଦ୍ଧେନ୍ଦୁ ପାଲ, ଡା. ପ୍ରମିଳା ମିଶ୍ର, ଫାର୍ମାସିଷ୍ଟ ଆର୍.କେ. ପାତ୍ର, ଟି.ଏଚ୍. ଆଚାର୍ଯ୍ୟ, କେ.ସି. ପ୍ରଧାନ, ବସ୍ମିତା ନାୟକ ଓ ଭାରତୀ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଅନ୍ୟ ଗାଁଗୁଡିକରେ ମଧ ଏପିର ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ଆଇଆରଇ ପକ୍ଷରୁ ସୂଚନା ଦିଆଯାଇଛି।




For Institutional and Bulk Sales please write to Kolkata@heromotocorp.com



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ